ଧରିତ୍ରୀ
DHARITRI
ସୋମବାର, ୧୩ ଜୁନ୍, ୨୦୨୨

> ଯେଉଁମାନେ ଯୋଗ ସାଧନା କରନ୍ତି- ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। **-ଶ୍ରୀମା**



# ନୀରବତା

ପ୍ରଫେଟ୍ ମହମ୍ମଦଙ୍କ ଉପରେ ଅରୁଚିକର ମନ୍ତବ୍ୟ ଦେଇଥିବା ନୂପୁର ଶର୍ମା ଓ ତାହାକୁ ସମର୍ଥନ କରିଥିବା ନବୀନ କୁମାର ଜିନ୍ଦଲ ଅଦ୍ୟାବଧି ଗିରଫ ହୋଇ ନ ଥିବାରୁ ବିବାଦ ଥମୁ ନାହିଁ। ଗତ ଶୁକ୍ରବାର ପ୍ରାର୍ଥନା ପରେ ମୁସଲମାନମାନେ ନୂପୁରଙ୍କ ମନ୍ତବ୍ୟକୁ ପ୍ରତିବାଦ କରି ରାସ୍ତାକୁ ଆସିବା ପରେ ଦେଶର ବିଭିନ୍ନ ଭାଗରେ ହିଂସାକାଣ୍ଡ ଘଟିଯାଇଛି। ସେଥିମଧ୍ୟରୁ କଂଗ୍ରେସ ସମର୍ଥିତ ଜେଏମ୍ଏମ୍ ଶାସିତ ଝାଡ଼ଖଣ୍ଡରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ସେଠାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଡଜନ୍‌ର ଅଧିକ ଆହତ ହୋଇଥିଲେ। ଅନ୍ୟପଟେ କୁହାଯାଉଛି ଯେ, ନୂପୁର ଓ ନବୀନଙ୍କୁ ଗିରଫ କରିବାର ଦାବି ପଛରେ ଅନେକ କାରଣ ରହିଛି। ତନ୍ମଧ୍ୟରୁ ସର୍ବୋଚ୍ଚ ହେଉଛି ସେହି ଦୁଇଜଣଙ୍କ ବ୍ୟକ୍ତିଗତ ସୁରକ୍ଷା। କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର କେତେକ ଅଧିକାରୀଙ୍କ ଅନୁଯାୟୀ ଏହି ଦୁଇ ଜଣଙ୍କ ଜୀବନ ପ୍ରତି ଅନେକ ବିପଦ ରହିଛି। ସେହି ବିପଦ ମୁସଲମାନ ଉଗ୍ରପନ୍ଥୀଙ୍କଠାରୁ ଉପୁଜୁ ନାହିଁ। ଏହି ଦୁଇ ଜଣଙ୍କ କୌଣସି କ୍ଷତି ଘଟିଲେ ତା' ପାଇଁ ଦୋଷ ମୁସଲମାନଙ୍କ ଉପରେ ଦିଆଯିବ। ସେଥିରୁ ଦଙ୍ଗା ବୃଦ୍ଧି ପାଇବାର ସବୁ ସଙ୍କେତ ମିଳୁଛି। ଗୋଇନ୍ଦା ସଂସ୍ଥା ଅନୁଯାୟୀ ସାମ୍ପ୍ରଦାୟିକ ଶକ୍ତି ପାଇଁ ଏହି ଦୁଇଜଣଙ୍କ ଜୀବନ ମୂଲ୍ୟହୀନ। ସେମାନଙ୍କୁ ବାଟରୁ ହଟେଇ ଦେଲେ ଗୋଧ୍ରା ଭଳି ସ୍ଥିତି ସୃଷ୍ଟି କରିବା ଅତ୍ୟନ୍ତ ସହଜ ହୋଇଯିବ।

୧୨ ଜୁନ୍‌ରେ ରାଞ୍ଚିର ପ୍ରତିବାଦକାରୀଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ ହେବା ପରେ ସେଠାରେ ପୁଣି ଉତ୍ତେଜନା ଦେଖାଦେଇଛି। ରାଞ୍ଚି ପ୍ରତିବାଦରେ ଭାଗ ନେଇ ନ ଥିବା ଦୁଇ ଜଣ ମୁସଲମାନଙ୍କୁ ଯେଭଳି ଭାବେ ବାଡ଼ିଆପିଟା କରାଯାଇଛି ତାହା ସମ୍ପୂର୍ଣ୍ଣ ଭାବେ ମାନବ ଅଧିକାର ଉଲ୍ଲଂଘନ ବୋଲି କୁହାଯାଉଛି। ସେପଟେ ଭାଜପା ଶାସିତ ଉତ୍ତରପ୍ରଦେଶ ପୋଲିସ ଦ୍ୱାରା ଗିରଫ ହୋଇଥିବା ପ୍ରତିବାଦକାରୀଙ୍କ ଉପରେ ଦମନଲୀଳା ଚାଲିଥିବାର ଭିଡିଓ ସୋସିଆଲ୍ ମିଡିଆରେ ବହୁଳ ଭାବେ ପ୍ରସାରିତ ହେଉଛି। ଏଥିସହିତ ବୁଲ୍‌ଡୋଜର ପୁଣି ସକ୍ରିୟ ହୋଇଉଠିଛି। ପ୍ରୟାଗରାଜ ହିଂସାର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ଜାଭେଦ ମହମ୍ମଦଙ୍କ ଘର ସମେତ ଅନେକ ପ୍ରତିବାଦକାରୀଙ୍କ ଘରକୁ ବୁଲ୍‌ଡୋଜର ମାଧ୍ୟମରେ ଧ୍ୱଂସ କରାଯାଉଥିବାର ଚିତ୍ର ପଦାକୁ ଆସିବାରେ ଲାଗିଛି। ଗତ କିଛିବର୍ଷ ଧରି ମୁସଲମାନ ସମ୍ପ୍ରଦାୟ ବିରୋଧରେ ଅନେକ କାର୍ଯ୍ୟାନୁଷ୍ଠାନ ସରକାରୀ ସ୍ତରରେ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ ସେହି ସଂଖ୍ୟାଲଘୁ ଗୋଷ୍ଠୀଠାରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଉ ନ ଥିଲା। ନୂପୁର ଶର୍ମାଙ୍କ ମନ୍ତବ୍ୟ ଉପରେ ଅନ୍ତର୍ଜାତୀୟ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସମ୍ଭବତଃ ଭାରତୀୟ ମୁସଲମାନଙ୍କ ଦମ୍ଭ ବଢ଼ିଥିବା ଭଳି ମନେହେଉଛି। ଗତ ଶୁକ୍ରବାର ମସ୍‌ଜିଦ୍ ପ୍ରାର୍ଥନା ପରେ ଦେଶର ଅନେକ ଭାଗରେ ହିଂସାତ୍ମକ ଘଟଣା ଦେଖିବାକୁ ମିଳିଥିଲା। ଏଠାରେ କୁହାଯାଇପାରେ ଯେ, ଏହିଭଳି ହିଂସା ମାଧ୍ୟମରେ କେବେହେଲେ କୌଣସି ସମାଧାନ ବାହାରି ପାରିବ ନାହିଁ। ପଥର ମାଡ଼କୁ ଇଟାରେ ଜବାବ ଦେଲେ ତାହାର ଅନ୍ତ ନାହିଁ। ଉଭୟ ପଟର ମୁଣ୍ଡ ଫାଟିବା ଏକମାତ୍ର ପରିଣତି ହୋଇଥାଏ।

> **ଏହି ଦୁଇ ଜଣଙ୍କ କୌଣସି କ୍ଷତି ଘଟିଲେ ତା' ପାଇଁ ଦୋଷ ମୁସଲମାନଙ୍କ ଉପରେ ଦିଆଯିବ। ସେଥିରୁ ଦଙ୍ଗା ବୃଦ୍ଧି ପାଇବାର ସବୁ ସଙ୍କେତ ମିଳୁଛି। ଗୋଇନ୍ଦା ସଂସ୍ଥା ଅନୁଯାୟୀ ସାମ୍ପ୍ରଦାୟିକ ଶକ୍ତି ପାଇଁ ଏହି ଦୁଇଜଣଙ୍କ ଜୀବନ ମୂଲ୍ୟହୀନ। ସେମାନଙ୍କୁ ବାଟରୁ ହଟେଇ ଦେଲେ ଗୋଧ୍ରା ଭଳି ସ୍ଥିତି ସୃଷ୍ଟି କରିବା ଅତ୍ୟନ୍ତ ସହଜ ହୋଇଯିବ।**

ଏତେସବୁ ଘଟଣା ଘଟିଯିବା ପରେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୌଣସି ପ୍ରତିକ୍ରିୟା ନ ରଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା କଥା। ବିଭିନ୍ନ ମୁସଲମାନ ଦେଶ ତରଫରୁ କ୍ଷମା ପ୍ରାର୍ଥନା କରିବା ସକାଶେ ଆସିଥିବା ଦାବିକୁ ଭାରତ ମୁହୂର୍ତ୍ତକ ପାଇଁ ଏଡ଼ାଇ ଦେଇପାରିଛି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୀରବତା ଦେଶର ବୈଦେଶିକ ସମ୍ପର୍କକୁ ଦୀର୍ଘମିଆଦୀ କ୍ଷତି ନିଶ୍ଚିତ ଭାବେ ପହଞ୍ଚାଇବ। ତୈଳ ଉତ୍ପାଦନକାରୀ ଆରବ ଦେଶଗୁଡ଼ିକ ସହ ଖରାପ ସମ୍ପର୍କ ସୃଷ୍ଟିକରି କେବଳ ଇସ୍ରାଏଲର ପଣତକାନି ଧରିଲେ ପେଗାସସ୍ ଭଳି ଗୋଇନ୍ଦା ସଫ୍ଟୱେର ମିଳିପାରେ; କିନ୍ତୁ ସାଧାରଣ ନାଗରିକଙ୍କୁ ତ୍ରାହି ମିଳିବ ନାହିଁ।

# ସମାଧାନ ନୁହେଁ ଫର୍ଟିଫାଏଡ ଚାଉଳ



ବିଚିତ୍ର ବିଶ୍ୱାଳ

ପୁଷ୍ଟି ସୁରକ୍ଷା ପାଇଁ ଖାଦ୍ୟ ବିବିଧତାର ଭୂମିକା ରହିଛି। ଖାଦ୍ୟରେ ବିବିଧତାର ଅଭାବ ଯୋଗୁ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଅପପୁଷ୍ଟି ଯଥା ବୟସ ଅନୁସାରେ ଓଜନ କମ୍, ଉଚ୍ଚତା କମ୍, ଉଚ୍ଚତା ଅନୁସାରେ ଓଜନ କମ ଓ ମହିଳାଙ୍କ ମଧ୍ୟରେ ରକ୍ତହୀନତା ତଥା ଆନେମିଆ ପରି ସମସ୍ୟା ଦେଖାଦେଇଥାଏ। ଖାଦ୍ୟ ମନ୍ତ୍ରାଳୟର ତଥ୍ୟ ଅନୁସାରେ ଦେଶର ପ୍ରତ୍ୟେକ ଦ୍ୱିତୀୟ ମହିଳା ରକ୍ତହୀନତାର ଶିକାର। ପ୍ରତ୍ୟେକ ତୃତୀୟ ଶିଶୁ ଅପପୁଷ୍ଟିର ଶିକାର। ଗ୍ଲୋବାଲ୍ ଫୁଡ୍ ସିକ୍ୟୁରିଟି ଇଣ୍ଡେକ୍ସ ଅନୁସାରେ ୧୧୩ ଦେଶ ମଧ୍ୟରୁ ଭାରତର ସ୍ଥାନ ୭୧। ଅପପୁଷ୍ଟି, ଖାଦ୍ୟାଭାବ, ସୂକ୍ଷ୍ମ ପୋଷକ ତତ୍ତ୍ୱର ଅଭାବ ଆଦି ସମସ୍ୟାଗୁଡ଼ିକୁ ପଛରେ ପକେଇ ସମ୍ପ୍ରତି ଆମ ଦେଶରେ ରକ୍ତହୀନତା ବା ଆନେମିଆର ଚର୍ଚ୍ଚା ସର୍ବାଗ୍ରେ ରହିଛି। ନୀତି ଆୟୋଗର କର୍ମଶାଳା, ସରକାରୀ ଦସ୍ତାବିଜ, ଏପରିକି ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ମଧ୍ୟ ରକ୍ତହୀନତାର ଚର୍ଚ୍ଚା ଶୁଣାଯାଉଛି। ରକ୍ତହୀନତାର ଚର୍ଚ୍ଚା ହେବା ବେଳେ ସ୍ୱାଭାବିକ ଭାବେ ଆଇରନ୍‌ର ଅଭାବ କଥା ହିଁ ଆସୁଛି। ଆଇରନ୍ ଅଭାବ ଦୂର କରିବା ପାଇଁ ଲୋକକୈନ୍ଦ୍ରିକ ସମାଧାନ କୌଶଳ ନ ଆପଣେଇ କାରଖାନା ଓ ବଜାର କୈନ୍ଦ୍ରିକ ସମାଧାନକୁ ଗୁରୁତ୍ୱ ଦିଆଯାଉଛି। ରକ୍ତହୀନତାର ଚର୍ଚ୍ଚାକୁ ବ୍ୟାପକ କରେଇ ଦେଶରେ ପୋଷକତତ୍ତ୍ୱଯୁକ୍ତ ଚାଉଳ ବା ଫର୍ଟିଫାଏଡ୍ ରାଇସ୍‌କୁ ପ୍ରୋତ୍ସାହିତ କରାଯାଉଛି। ଏହି ଚାଉଳ ଦ୍ୱାରା ଆମ ଖାଦ୍ୟ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବକୁ ଏଡ଼ାଇ ଦେଇହେବ ନାହିଁ। କମ୍ପାନୀମାନେ ଫର୍ଟିଫାଏଡ ଚାଉଳ କ୍ଷେତ୍ରରେ କୋଟି କୋଟି ଟଙ୍କାର ମୁନାଫା ଦେଖୁଥିବା ବେଳେ ସରକାର କମ୍ପାନୀକୁ ଖୁସି କରିବାର ଏଜେଣ୍ଡାକୁ ସାମ୍ନାରେ ରଖି ଖାଦ୍ୟ କ୍ଷେତ୍ରରେ ସାଧାରଣ ଲୋକଙ୍କ ଅଧିକାରକୁ ସଂକୁଚିତ କରୁଛନ୍ତି। ପୋଷକତତ୍ତ୍ୱଯୁକ୍ତ ଚାଉଳ ଅର୍ଥାତ୍ ଫର୍ଟିଫାଏଡ୍ ରାଇସ୍ ଦୀର୍ଘକାଳୀନ ଭିତ୍ତିରେ ସାଧାରଣ ଜନତା ଓ ଚାଷୀମାନଙ୍କ ପାଇଁ ବିପଦ ଭାବେ ଉଭା ହେବାକୁ ଯାଉଛି।

ରକ୍ତହୀନତା ସମସ୍ୟାକୁ ସମାଧାନ କରିବାକୁ ହେଲେ ପରିବାର ସ୍ତରରେ ଖାଦ୍ୟର ଉପଲବ୍ଧତା, ଖାଦ୍ୟରେ ସୂକ୍ଷ୍ମ ପୋଷକତତ୍ତ୍ୱର ଉପସ୍ଥିତି, ଗରିବୀ, ଖାଦ୍ୟରେ ବିବିଧତା, ଲୌହସାରଯୁକ୍ତ ଫସଲ ଚାଷକୁ ପ୍ରୋତ୍ସାହନ, ଚାଷରେ ରାସାୟନିକ ଓ ବିଷର ପ୍ରୟୋଗକୁ କମ୍ କରିବା ସହିତ ଅନେକ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ହେବ। କିନ୍ତୁ ସରକାର ଏସବୁ ସମସ୍ୟାକୁ ସମାଧାନ କରିବାର ଦାୟିତ୍ୱ ନ ନେଇ ସିଧା କମ୍ପାନୀଙ୍କୁ ଆମନ୍ତ୍ରଣ କରି ଫର୍ଟିଫାଏଡ୍ ଚାଉଳକୁ ଏକମାତ୍ର ସମାଧାନ ବୋଲି ଉପସ୍ଥାପିତ କରୁଛନ୍ତି। ଯଦି ମୌଳିକ ସମସ୍ୟାର କଥା ଆସିବ, ତେବେ ପ୍ରଶ୍ନ ଆସିବ, ଆମ ଦେଶରେ ଏତେ ପରିମାଣରେ ଅପପୁଷ୍ଟି ଏବଂ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତର ସ୍ଥାନ ଏତେ ନିମ୍ନରେ କାହିଁକି? ଲୋକମାନେ ଭୋକରେ ରହୁଛନ୍ତି କାହିଁକି? ଶୁଦ୍ଧ ପାନୀୟ ଜଳର ସମସ୍ୟା ଅଛି କାହିଁକି? ଏସବୁ ପ୍ରଶ୍ନ ନିଶ୍ଚିତ ଭାବେ ସରକାରଙ୍କୁ ଅଡୁଆରେ ପକାଇବ। ତେଣୁ ସରକାର ଏସବୁ ପ୍ରଶ୍ନକୁ ଏଡ଼ାଇବା ପାଇଁ ସହଜ ସମାଧାନ ଭାବେ ଫର୍ଟିଫାଏଡ୍ ଚାଉଳକୁ ସାମ୍ନାକୁ ଆଣୁଛନ୍ତି। ଏହି ଚାଉଳର ନିୟନ୍ତ୍ରଣ ଚାଷୀଙ୍କ ହାତରେ ନ ରହି କମ୍ପାନୀମାନଙ୍କ ହାତରେ ରହିବ। ଏହା ଆମ ଖାଦ୍ୟ ବ୍ୟବସ୍ଥାକୁ ପ୍ରଭାବିତ କରିବ। ଶରୀରରେ ସୂକ୍ଷ୍ମ ପୋଷକତତ୍ତ୍ୱର ଅଭାବ ଦୂର କରିବା ପାଇଁ ଦୀର୍ଘ ଦିନ ହେବ ଖାଦ୍ୟସୁରକ୍ଷା କର୍ମୀମାନେ ପି.ଡି.ଏସ୍. ବ୍ୟବସ୍ଥାରେ ଭିନ୍ନ ଭିନ୍ନ ମିଲେଟ୍‌କୁ ଯୁକ୍ତ କରିବା ପାଇଁ ଦାବି କରିଆସୁଛନ୍ତି। କିନ୍ତୁ ସରକାର ଏଥିପ୍ରତି ନଜର ନ ଦେଇ ଫର୍ଟିଫାଏଡ ଚାଉଳ ମାଧ୍ୟମରେ ଏକ ପରନିର୍ଭରଶୀଳ ଓ ଦୂରଦୃଷ୍ଟିବିହୀନ ପଦକ୍ଷେପ ନେଉଛନ୍ତି।



୨୦୨୪ ସୁଦ୍ଧା ସମସ୍ତ ଖାଦ୍ୟ ସୁରକ୍ଷା ଯୋଜନାରେ ଫର୍ଟିଫାଏଡ ଚାଉଳକୁ ପ୍ରଚଳନ କରିବା ପାଇଁ ସରକାର ଯୋଜନା କରୁଛନ୍ତି। ୨୦୨୧ ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ଏହା ଉଲ୍ଲେଖ କରିଛନ୍ତି। ୨୦୧୯ରେ ଫର୍ଟିଫାଏଡ୍ ଚାଉଳକୁ ପି.ଡି.ଏସ୍. ମାଧ୍ୟମରେ ବଣ୍ଟନ କରିବାର ପାଇଲଟ୍ ଆରମ୍ଭ କରାଯାଇଛି। ଆରମ୍ଭ କରାଯାଇଥିବା ପାଇଲଟ୍‌କୁ ଠିକ୍ ଭାବେ ବିଶ୍ଳେଷଣ କରା ନ ଯାଇ, ସ୍ୱାସ୍ଥ୍ୟ ଉପରେ ଏହା ଦୀର୍ଘକାଳୀନ ପ୍ରଭାବକୁ ବିଚାରକୁ ନିଆ ନ ଯାଇ ବର୍ତ୍ତମାନ ପର୍ଯ୍ୟନ୍ତ ୧୫ଟି ରାଜ୍ୟର ୨୫୭ଟି ଜିଲାରେ ପି.ଡି.ଏସ୍. ମାଧ୍ୟମରେ ଫର୍ଟିଫାଏଡ୍ ଚାଉଳର ବଣ୍ଟନ କରାଯାଉଛି। ପିଡିଏସ୍ ମାଧ୍ୟମରେ ଏହି ଚାଉଳ ବଣ୍ଟନ ସାଧାରଣ ଲୋକଙ୍କର ଖାଦ୍ୟରୁଚି ଓ ପସନ୍ଦର ସ୍ୱାଧୀନତାକୁ ବ୍ୟାହତ କରୁଛି। କ୍ଷୁଧା ଓ ଅପପୁଷ୍ଟି ସମସ୍ୟାକୁ ସମାଧାନ ନକରି ଫର୍ଟିଫାଏଡ୍ ଚାଉଳ ପରି ବଜାରକେନ୍ଦ୍ରିକ ବ୍ୟବସ୍ଥାକୁ ଆପଣେଇ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ସାର୍ବଭୌମତ୍ୱକୁ ସଂକଟ ଭିତରକୁ ଠେଲି ଦେଉଛନ୍ତି। ଉକ୍ତ ଚାଉଳର କୁପ୍ରଭାବର ରିପୋର୍ଟ ଦେଶର ଭିନ୍ନ ଭିନ୍ନ କୋଣରୁ ଆସିବାକୁ ଆରମ୍ଭ କଲାଣି। ଏହାକୁ ଖାଇ ଲୋକମାନେ ଅସୁସ୍ଥ ହେଉଛନ୍ତି। ଏହି ଚାଉଳର ସ୍ୱାଦ, ବାସ୍ନା ଓ ରୋଷେଇ ସମୟରେ ସମସ୍ୟା ଆଦି ବିଷୟରେ ଲୋକମାନେ ଅଭିଯୋଗ କରୁଥିବାର ଦେଖିବାକୁ ମିଳୁଛି। ଫର୍ଟିଫାଏଡ୍ ଚାଉଳକୁ ରୋଷେଇ କରି ଅଧିକ ସମୟ ରଖିହେଉ ନାହିଁ। ଏହା ଶୀଘ୍ର ଖରାପ ହୋଇଯାଉଛି। ଏଥିସହିତ ଏହି ଚାଉଳ ବଣ୍ଟନ କରାଯାଉଥିବାର ସୂଚନା ମଧ୍ୟ ହିତାଧିକାରୀଙ୍କୁ ଦିଆଯାଉନାହିଁ। ଖାଦ୍ୟ ଏକାନ୍ତ ବ୍ୟକ୍ତିଗତ ଓ ରୁଚିର ବିଷୟ। ଲୋକଙ୍କୁ ଯାହା ଖାଇବାକୁ ଦିଆଯାଉଛି, ତାହା ଜାଣିବା ସେମାନଙ୍କର ଅଧିକାର। କିନ୍ତୁ ଫର୍ଟିଫାଏଡ୍ ଖାଉଥିବା ଅନେକ ଲୋକ ଜାଣନ୍ତି ନାହିଁ ଯେ, ସେମାନେ କ'ଣ ଖାଉଛନ୍ତି।

ଖାଦ୍ୟ ଅଧିକାର ଅଭିଯାନ ଓ ଆଶା-କିଷାନ ସ୍ୱରାଜ ଦ୍ୱାରା ଝାଡ଼ଖଣ୍ଡରେ ଫର୍ଟିଫାଏଡ୍ ଚାଉଳର ବଣ୍ଟନକୁ ନେଇ କରାଯାଇଥିବା ଅଧ୍ୟୟନରୁ ସରକାରଙ୍କ ଏକାଧିକ ଦାୟିତ୍ୱହୀନତା ସାମ୍ନାକୁ ଆସିଛି। କାରଖାନାରେ ତିଆରି କରାଯାଉଥିବା ଏପରି ଚାଉଳକୁ ବଣ୍ଟନ କରିବା ପୂର୍ବରୁ ଲୋକଙ୍କ ମତାମତ ନିଆଯାଇନାହିଁ। ବଣ୍ଟନ ପୂର୍ବରୁ ଏ ବିଷୟରେ ଲୋକଙ୍କୁ ସଚେତନ ମଧ୍ୟ କରାଯାଇନାହିଁ। ଦେଖିବାକୁ ମିଳିଥିଲା ଯେ, ଝାଡ଼ଖଣ୍ଡର ଖୁଣ୍ଟି ଜିଲାରେ ଲୋକମାନେ ଫର୍ଟିଫାଏଡ୍ ଚାଉଳ ଖାଇ ଅସୁସ୍ଥ ହୋଇଯାଇଥିଲେ। ବ୍ୟାପକ ସ୍ତରରେ ବଣ୍ଟନ ସମୟରେ ଏଫ୍ଏସ୍ଏସ୍ଏଆଇର ନିୟମକୁ ପାଳନ କରିବା କଷ୍ଟକର। ଏଫ୍ଏସ୍ଏସ୍ଏଆଇର ନିୟମ ଅନୁସାରେ ସିକଲ୍ ସେଲ୍ ଆନେମିଆ ପୀଡ଼ିତ ଲୋକମାନେ ଫର୍ଟିଫାଏଡ୍ ଚାଉଳ ଖାଇବା ଉଚିତ ନୁହେଁ ଓ ଥାଲାସେମିଆ ରୋଗୀମାନେ ଡାକ୍ତରଙ୍କ ନିରୀକ୍ଷଣରେ ରହି ଏହା ଖାଇବା ଉଚିତ। ଦେଖାଯାଇଛି ଯେ, ଖୁଣ୍ଟି ଜିଲାର ଗାଁଗୁଡ଼ିକରେ ଫର୍ଟିଫାଏଡ୍ ଚାଉଳ ବଣ୍ଟନ ସମୟରେ ଏସବୁକୁ ଦୃଷ୍ଟିରେ ରଖାଯାଇନାହିଁ। ପ୍ରଶ୍ନ ଉଠୁଛି, ଏହି ଚାଉଳ କ୍ଷେତ୍ରରେ ଗରିବ ଲୋକଙ୍କୁ ପରୀକ୍ଷାଗାରର ମୂଷା ଭଳି ବ୍ୟବହାର କରାଯାଉନାହିଁ ତ? ରକ୍ତହୀନତା ଦୂର କରିବା ପାଇଁ ଫର୍ଟିଫାଏଡ୍ ଚାଉଳ ବଦଳରେ ଆଉ କୌଣସି ସର୍ବସାଧାରଣ ସ୍ୱୀକୃତ ଉପାୟ ଅବଲମ୍ବନ କରିବା ଅଧିକ ଶ୍ରେୟସ୍କର ନୁହେଁ କି? ଉକ୍ତ ଚାଉଳ ବଣ୍ଟନର ପାଇଲଟ୍ ସ୍କିମ୍‌ର ମୂଲ୍ୟାଙ୍କନ ଏଯାଏ ବି ସର୍ବସାଧାରଣରେ ପ୍ରକାଶ କରାଯାଇନାହିଁ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ର ରିପୋର୍ଟ ଅନୁସାରେ ୨୦୧୯-୨୦ରେ ୬ ମାସରୁ ୨୩ ମାସର ଶିଶୁମାନଙ୍କ ମଧ୍ୟରୁ ୮୯.୯% ଶିଶୁ ଉପଯୁକ୍ତ ଆହାର ପାଉନାହାନ୍ତି। ଖାଦ୍ୟ ଅଧିକାର ଅଭିଯାନ ଦ୍ୱାରା କରାଯାଇଥିବା ଦ୍ୱିତୀୟ କ୍ଷୁଧା ନିରୀକ୍ଷଣ ସର୍ଭେରେ ସମଗ୍ର ଦେଶରେ ଥିବା ଭୟଙ୍କର ଖାଦ୍ୟ ଅସୁରକ୍ଷା ସାମ୍ନାକୁ ଆସୁଛି। ପୁଷ୍ଟିକର ଖାଦ୍ୟ, ଅଣ୍ଡା, ମାଂସ ଜାତୀୟ ଖାଦ୍ୟ, ଫଳ, କ୍ଷୀର, ଶାଗ ଆଦିର ସେବନ ଲୋକମାନଙ୍କ କ୍ଷେତ୍ରରେ ବହୁତ କମ୍ ରହିଛି। ସରକାର ଯଦି ଏସବୁ ଉପରେ ଦୃଷ୍ଟି ଦିଅନ୍ତେ ତେବେ ଅପପୁଷ୍ଟି ପରି ସମସ୍ୟା ଅଧିକ ଫଳପ୍ରଦ ଭାବେ ସମାଧାନ ହୋଇପାରନ୍ତା। ଫର୍ଟିଫାଏଡ୍ ଚାଉଳ ହୁଏତ ତୁରନ୍ତ ରକ୍ତହୀନତାକୁ କମେଇ ଦେଇପାରେ। କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହା ଲୋକଙ୍କ ଖାଦ୍ୟରୁଚିର ଅଧିକାର, ପସନ୍ଦକୁ ବ୍ୟାହତ କରିବା ସହିତ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବଢ଼େଇବ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ-୯୪୩୮୪୬୮୪୭୪**

# ଜୀବନକୁ ବୁଝି ନ ଥିବା ମଣିଷ



ଦ୍ୱିତୀ ଚନ୍ଦ୍ର ସାହୁ

ସେ ଜଣେ କୁକୁଡ଼ାକଟାଳି। ସେଥିପାଇଁ ଜିଅନ୍ତା କୁକୁଡ଼ାର ବେକ ମୋଡ଼େ। ଛଟପଟ ହେଉଥିବା କୁକୁଡ଼ାକୁ ଗରମ ପାଣିରେ ଭରିଦିଏ। ତା'ପରେ ପର ଛେଲି ଶରୀରକୁ ଟିକିଟିକି ମାଂସରେ ପରିଣତ କରିଦିଏ। ମାଂସକଟାଳି ଭାବେ କଲ୍ୟାଣସିଂହପୁରର ଶେଖ୍ ମହମ୍ମଦ କାସିମ ଚାଚାଙ୍କୁ ଯିଏ ଦେଖିବ, ଲାଗିବ ସେ କେଡ଼େ ନୃଶଂସ। କିନ୍ତୁ ଦୋକାନରୁ ବାହାରିଗଲେ ସେ ପରମ ଦୟାଳୁ। ଯିଏ ଆସି ଗୁହାରି କରେ, ତାକୁ ନିଜ ସାଧମତେ ସହଯୋଗ କରେ। ପ୍ରତିଦିନ ଭୋକିଲାଙ୍କୁ ଖାଇବାକୁ ଦିଏ। ଖରା ଓ ବର୍ଷାଦିନ ପୂର୍ବରୁ ଅସହାୟ ଦୀନ ଦରିଦ୍ରଙ୍କୁ ଛତା ବଣ୍ଟନ କରେ। ଶୀତରେ କମ୍ବଳ ଦିଏ। ଚାଚାଙ୍କ କହିବା ହେଲା ଫକିର ହୋଇ ଏଠାକୁ ଆସିଥିଲି। ଆଲ୍ଲାଙ୍କ ଦୟାରୁ ବେଶ୍ ଦି' ପଇସା କମଉଛି। ଗରିବଙ୍କୁ ମୁଁ ଯଦି ସହାୟତା ନ କରିବି, ତେବେ ମୁଁ କି ଇନ୍‌ସାନ୍ ବୋଲେଇବି। ଚାଚାଙ୍କ ମନ ଓ ହୃଦୟରେ ଯାହାକିଛି ଥାଉନା କାହିଁକି, କାସିମ ଚାଚାଙ୍କ ହୃଦୟ ଯେ ବଡ଼ ଏକଥା ଏଇ ଅଞ୍ଚଳର ଲୋକେ ବୁଝି ପାରିଛନ୍ତି। ଏଇଠି ବି ଲୋକ ଅଛନ୍ତି, ପାଣିସୁଅ ଭଳି ପଇସା ଅର୍ଜନ କରୁଛନ୍ତି। ବ୍ୟାପକ ଗାଡ଼ି ଘୋଡ଼ା, ଥାଟବାଟ ଭିତରେ ଜବନ ଜିଉଁଛନ୍ତି। ବିଶାଳ ଘରର ଦୁଆର ମୁହଁରେ ଦୁଃଖୀଟିଏ ଆତୁର ହୋଇ ଛିଡ଼ା ହେଲେ ସହାୟତାର ହାତ ଭିତରୁ ଆସିପାରୁନି। ଦୂର୍ ଦୂର୍ ମାର୍ ମାର୍ କରି ଘରର ଲୋକେ ଘଉଡ଼େଇ ଦିଅନ୍ତି। ସେତେବେଳେ ନିଜକୁ ବଡ଼ଲୋକ ଭାବୁଥିବା ମଣିଷଟିଏ ସାଧାରଣରେ ମାମୁଲି ଲାଗନ୍ତି। ସେଇ ଅସହାୟ ମଣିଷ ନିକଟରେ ତ ତଥାକଥିତ ମଣିଷ ନିକୃଷ୍ଟ ପାଲଟିଯାଆନ୍ତି। ପଇସା ଥିଲେ ଦାନ କରିହୁଏନି। ସହାୟତା ଲାଗି ବାସ୍ତବରେ ଗୋଟେ କଥାକୁହା ହୃଦୟଟି ଲୋଡ଼ା। ମନ ଚିହ୍ନା ମନଟିଏ ଲୋଡ଼ା। ତରଳି ଯାଉଥିବା ପ୍ରାଣଟି ଲୋଡ଼ା। ମନ ହୃଦୟ ଭିତରେ ପର ପାଇଁ ଖାଲି ସ୍ଥାନ ସୃଷ୍ଟି ନ କଲେ ହାତ ପ୍ରସାରିତ ହୋଇପାରିବନି। ନିଜେ ସଂକୁଚିତ ହେବାକୁ ପଡ଼େ।

କରୋନା କାଳରେ ଅନେକ କଥା ଘଟିଯାଇଛି। ଧନବଳ ଥାଇ ମଧ୍ୟ ମୃତ୍ୟୁକୁ କେହି ଅଟକେଇ ପାରିନାହାନ୍ତି। ସେଇଠି ବି ଅନେକ ଦାତା ଅଛନ୍ତି, ମହାମାରୀରେ ଲୋକଙ୍କ ଜୀବନ ବଞ୍ଚେଇବା ଲାଗି ଧନ, ମନ ଓ ହୃଦୟକୁ ପର ପାଇଁ ଖୋଲି ଦେଇଛନ୍ତି। ସେଇମାନେ ସଦାକାଳେ ସ୍ମରଣୀୟ। ମଣିଷର ସର୍ବଶ୍ରେଷ୍ଠ ସଂପଦ ସ୍ୱାସ୍ଥ୍ୟ। ଅଥଚ ଏବେ ମଣିଷର ସବୁଠାରୁ ପ୍ରିୟ ଅର୍ଥ। କୋଟିପତି କିରାଣି, ପୋଲିସ, ଅଙ୍ଗନୱାଡ଼ି, ଶିକ୍ଷକ, ଡାକ୍ତର, ଇଞ୍ଜିନିଅର, ଜିଆରଏସ୍ ଭଳି ଚେହେରା ପ୍ରତିଦିନ ଟିଭି ପରଦାରେ ନାଚୁଛି। କିଏ କାହାକୁ ଲୁଟୁଛି। ସମ୍ପତ୍ତିକୁ ନେଇ ବାଦବିବାଦ ବଢୁଛି। କ୍ଷମତା ପାଇଁ ବଳପ୍ରୟୋଗ କରାଯାଉଛି। ଦୁର୍ବଳ ଉପରେ ସବଳର ଅତ୍ୟାଚାର ବଢ଼ିଛି। ନିଜର କାୟା ବଢ଼େଇବା ପାଇଁ ଅନ୍ୟର ଛାୟାକୁ ନିପାତ କରାଯାଉଛି। ଏମିତି ବି ନିଜର ଆଧିପତ୍ୟ ବିସ୍ତାର ଲାଗି ସବୁ ସମ୍ପର୍କକୁ ପଛକୁ ଠେଲି ଦିଆଯାଉଛି। ସର୍ବଶକ୍ତିମାନ୍ ହେବାର ଭ୍ରମରେ ବିଭୋର ହେଉଛି ମନ ଓ ପ୍ରାଣ। ଏଥିପାଇଁ ନିଜର ଆପଣାର ମଣିଷମାନଙ୍କୁ ନେଇ ସୁଖଦ ଜୀବନର ପରିକଳ୍ପନା କରୁଛି। ତାକୁ ନେଇ ଗତିଶୀଳ ବି ହେଉଛି। କିନ୍ତୁ ମଣିଷ ଶେଷରେ ହାରିବାକୁ ପଡୁଛି।

ଜୀବନର କରୁଣ ପରିଣତିକୁ ଦେଖି ଗୌତମ ବୁଦ୍ଧ ଦିନେ ଗୃହତ୍ୟାଗୀ ହୋଇ କାରଣ ଖୋଜିବାକୁ ବାହାରିଥିଲେ। ମଣିଷ ଜୀବନର ବାସ୍ତବ ସତ୍ୟକୁ ରାସ୍ତାରେ ଦେଖିଲେ ମଧ ତା'ର ନିରାକରଣ ମାର୍ଗ ପ୍ରଦର୍ଶନ କଲେ। ଏଠି ଆଜିକା ମଣିଷ ନିତିଦିନ ଜୀବନର ସତ୍ୟକୁ ଦେଖୁଛି। ଚାକିରି ପରେ ଏକାକୀ ବୃଦ୍ଧ ଦମ୍ପତିଙ୍କୁ ମୁହଁ ମୋଡ଼ି ଚାଲିଯାଉଛି ପୁତ୍ର। ଧାଇଁ ଧାଇଁ ଅର୍ଜିଥିବା ସମ୍ପତ୍ତି ଅସାର ଲାଗୁଛି। ହାତ ଧରି ଚାଲୁଥିବା ହଳେ ସଂସାରୀ ଭିତରୁ ଜଣେ ଛିଡ଼ିଗଲେ ଆରଜଣକ ପାଇଁ ଜୀବନ ତୁଚ୍ଛ ଲାଗୁଛି। ବୟସ ଭାରରେ ନଇଁ ପଡୁଥିବା ମଣିଷଟି ଘୋଷାରି ହୋଇ ଜୀବନକୁ ଠେଲିଠେଲି ଏକାକୀ ନେଉଛି। ସେତେବେଳେ ଜୀବନତମାମର ପାପପୁଣ୍ୟର ହିସାବ କରୁକରୁ ଆଖିକୁ ଲୁହ ଜକେଇ ଆସୁଛି। ଯାହା ପାଇଁ ମଣିଷ ଜୀବନରେ ସବୁ କିଛି କରିଆସୁଛି, ସେଇ ଚରିତ୍ର ଶେଷରେ ପଛ କରି ଚାଲିଗଲା ପରେ ଜୀବନ ଆଉ ଜୀବନ ହୋଇ ରହୁନି। ସୁଖଦ ଜୀବନ ବଞ୍ଚୁଥିବାବେଳେ ହଠାତ୍ ଦୁରାରୋଗ୍ୟର ଶିକାର କିମ୍ବା ଦୁର୍ଘଟଣାର ସମ୍ମୁଖୀନ ହେଲା ପରେ ମଣିଷର ମନ ଓ ହୃଦୟ କୋରି ହୋଇଯାଉଛି। ଅର୍ଜିଥିବା ଧନସମ୍ପତ୍ତି, ଗଢ଼ିଥିବା ସାମ୍ରାଜ୍ୟ ସେତେବେଳେ ସେଇ ମଣିଷ ପାଇଁ ଅଦରକାରୀ ଲାଗୁଛି। ଜୀବନର ଏମିତି ଏକ ମୋଡ଼କୁ ସାମ୍ନା କରେ ପ୍ରତ୍ୟେକ ମଣିଷ। ସେଇ ମୋଡ଼ରେ ବଦଳିଯାଏ ଜୀବନର ଗତିପଥ। ସେତେବେଳେ ଜୀବନର ପରିଭାଷାକୁ ନିଜର ସ୍ୱତନ୍ତ୍ର ଅର୍ଥରେ ବୁଝି ଆସିଥିବା ମଣିଷ ଅସଲ ଅର୍ଥକୁ ଖୋଜିବା ଆରମ୍ଭ କରେ। ସେଇଠୁ ପରକୁ ଜୀବନର ବାସ୍ତବତାକୁ ବୁଝିବାକୁ ବଳାଇ ବଳାଇ କହେ। ନିକଟରୁ ତଥାକଥିତ ମଣିଷକୁ ଦେଖି ଆସିଥିବା ଚାରିପାଖର ମଣିଷମାନେ ପରିବର୍ତ୍ତିତ ଚରିତ୍ରକୁ ଦେଖି ଚକିତ ହୋଇଯାଆନ୍ତି। ପଛରେ ଗୁଡ଼ାଏ ବାଛକୁଟ ହୁଅନ୍ତି। ଦୁରବସ୍ଥା ପାଇଁ ସେଇ ମଣିଷର ଅତୀତର କର୍ମକୁ ନିନ୍ଦନ୍ତି। କିନ୍ତୁ ସେଇ ମଣିଷଠାରୁ କିଛି ଶିକ୍ଷା କରିପାରନ୍ତିନି। ଜୀବନର କରୁଣ ବାସ୍ତବତାକୁ ତଥାପି ଗ୍ରହଣ କରିପାରନ୍ତିନି। ସେଇ ସେଇ ମୋହମାୟାରେ କ୍ଷିପ୍ର ଗତିରେ ଦୌଡ଼ିବାକୁ ଆରମ୍ଭ କରନ୍ତି। କେଉଁଠି କାହାକୁ ପଛରେ ଛାଡ଼ିବାକୁ ହେବ। କେତେ ବେଗରେ ଦୌଡ଼ିଲେ ଅନ୍ୟକୁ ପଛରେ ପକେଇ ହେବ। ଦୌଡ଼ିବା ପାଇଁ କେଉଁସବୁ କୁଟିଳ ଜାଲ ବିଛେଇବାକୁ ପଡ଼ିବ, ସେଇ ନିଶାରେ ଚୂର ହୋଇଯାଆନ୍ତି। ବେଙ୍ଗ ଦୌଡ଼ି ଦୌଡ଼ି ସେଇ ବୁଦାମୂଳକୁ ନ୍ୟାୟରେ ପୁଣି ଜୀବନର କୋଉ ଏକ ମୋଡ଼ରେ ମଣିଷ ନିଜକୁ ନିଜେ ଭେଟିବାକୁ ପଡ଼ିବ। ସେତେବେଳେ ଜୀବନକୁ ବୁଝିବା ଆରମ୍ଭ କରେ ମଣିଷ। ଘାତ ପ୍ରତିଘାତ, ପ୍ରଗତି, ଉନ୍ନତି, ପଦୋନ୍ନତି, କ୍ଷମତା ହାସଲ, ଧନ ଉପାର୍ଜନ, ସକଳ ସୁଖ ଭୋଗ ଭିତରେ ଯିଏ ଜୀବନକୁ ବୁଝିବା ଶିଖିଥିବ, ସେଇ ମଣିଷଟି ନିଜକୁ ଅନ୍ୟପାଇଁ ସମର୍ପିତ କରିବ ନିଶ୍ଚିତ। ଜୀବନର ସେଇ ସେଇ ମୋଡ଼ରେ ନିଜ ଜୀବନକୁ ନେଇ ଆଉ ଅବସୋସ ନ ଥିବ। କାରଣ ସେତେବେଳକୁ ନିଜ ଜୀବନ ଅନ୍ୟମାନଙ୍କ ପାଇଁ ଉତ୍ସର୍ଗୀକୃତ ହୋଇ ସାରିଥିବ।




**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ପରିବେଶକୁ ରକ୍ଷା ଲାଗି ଏବେ ତାପଜ ବିଦ୍ୟୁତ୍ ପରିବର୍ତ୍ତେ ସୌର ଶକ୍ତି ଉତ୍ପାଦନକୁ ପ୍ରାଧାନ୍ୟ ଦିଆଯାଉଛି। ଏହି କ୍ରମରେ ସୋଲାର ପାୱାର ଷ୍ଟେଶନ ସଂଖ୍ୟା ବୃଦ୍ଧି ପାଉଛି ଓ ସେହି ଅନୁପାତରେ ସୌର ପ୍ୟାନେଲ ବର୍ଜ୍ୟ ବଢ଼ିବାରେ ଲାଗିଛି। ୨୦୩୦ ସୁଦ୍ଧା ଭାରତରେ ଏହି ବର୍ଜ୍ୟ ୨ ଲକ୍ଷ ଟନ୍ ହେବ ବୋଲି ଆକଳନ କରାଯାଇଥିବା ବେଳେ ଏହାର ରିସାଇକ୍ଲିଂ କରିବାକୁ ବେଙ୍ଗାଲୁରୁର ଭାରତୀୟ ବିଜ୍ଞାନ ସଂସ୍ଥା (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ)ର ବୈଜ୍ଞାନିକମାନେ ଏକ ବିକଳ୍ପ ଖୋଜି ପାଇଛନ୍ତି। ସୋଲାର ପ୍ୟାନେଲ ବର୍ଜ୍ୟର ଗମ୍ଭୀର ପ୍ରଭାବରୁ ପରିବେଶକୁ ରକ୍ଷା ଲାଗି ବୈଜ୍ଞାନିକମାନେ ସେଥିରେ ଘର ଓ ଫର୍ନିଚର ତିଆରି କରିବାକୁ ସକ୍ଷମ ହୋଇଛନ୍ତି। ଡ. ମଣ୍ଟୋ ମଣିଙ୍କ ନେତୃତ୍ୱରେ ବୈଜ୍ଞାନିକ ଟିମ୍ ୨୦୧୮ରେ ପ୍ରୋଜେକ୍ଟ ଆରମ୍ଭ କରି ସୋଲାର ପ୍ୟାନେଲ ବର୍ଜ୍ୟର କ୍ଷତି ଆକଳନ କରିବା ପରେ ତାହାକୁ ଦୂର କରିବାର ଉପାୟ ପାଇଥିଲେ। ପରେ ସେମାନେ ନିଷ୍କ୍ରିୟ ସୋଲାର ପ୍ୟାନେଲ ବ୍ୟବହାର କରି ଶସ୍ତାରେ ଘର ନିର୍ମାଣ କରିବାକୁ ସକ୍ଷମ ହୋଇଛନ୍ତି। ୨୫ ବର୍ଷ ପରେ ଏହି ସୋଲାର ପ୍ୟାନେଲ ଅଦରକାରୀ ହୋଇଯାଏ। ଏଣୁ ଏହି ପ୍ୟାନେଲକୁ ସଂଗ୍ରହ କରି ଡ. ମଣି ଓ ତାଙ୍କ ଟିମ୍ ଘର, ଟେବୁଲ ଆଦି ନିର୍ମାଣ କରିପାରିଛନ୍ତି। ୨୦୩୦ ପରେ ସୋଲାର ପ୍ୟାନେଲ ବର୍ଜ୍ୟ ଆହୁରି ବୃଦ୍ଧି ପାଇ ୨୦୫୦ ସୁଦ୍ଧା ୭୮ ମିଲିୟନ ଟନ୍ ଛୁଇଁବ। ଏଣୁ ଏବେଠାରୁ ଏହାର ରିସାଇକ୍ଲିଂ କରି ଘର ଓ ଅନ୍ୟାନ୍ୟ ଉପକରଣ ତିଆରି କରିବା ଲାଗି ସ୍ୱତନ୍ତ୍ର ଟେକ୍‌ନିକ୍ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହନ୍ତି ମଣି।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଜୁନ୍ ୧୯୯୭**

- ୬୫ କୋଟି ଟଙ୍କା ଜୈନ ହାୱାଲା ମାମଲାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୁଟା ସିଂ, କମଳନାଥ, ବି. ତାକ୍‌ନି ଏବଂ ରାମଚନ୍ଦ୍ର ମୁକ୍ତ।
- ଟେଷ୍ଟ କ୍ରିକେଟ ପଦାର୍ପଣର ପ୍ରଥମ ବର୍ଷରେ ହିଁ ଭାରତୀୟ ପେସ୍ ବୋଲର ଭେଙ୍କଟେଶ ପ୍ରସାଦଙ୍କୁ ମାଫତଲାଲ ପୁରସ୍କାର ପ୍ରଦାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 5 | | 6 | 8 |
| | | | | | | | 5 | |
| | 2 | | 4 | 6 | 7 | | | 9 |
| | 9 | 4 | | | | 8 | | |
| | | 2 | 9 | | | | | |
| | | | | 3 | 8 | | | |
| | 5 | | | | 9 | | | |
| | 8 | | 7 | | | | | 6 |
| 6 | | | 8 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 4 | 1 | 3 | 8 | 9 | 6 |
| 9 | 6 | 1 | 5 | 8 | 7 | 3 | 4 | 2 |
| 3 | 4 | 8 | 6 | 9 | 2 | 1 | 7 | 5 |
| 2 | 3 | 5 | 9 | 7 | 6 | 4 | 1 | 8 |
| 1 | 8 | 9 | 3 | 2 | 4 | 6 | 5 | 7 |
| 4 | 7 | 6 | 8 | 5 | 1 | 9 | 2 | 3 |
| 5 | 9 | 4 | 7 | 6 | 8 | 2 | 3 | 1 |
| 6 | 1 | 3 | 2 | 4 | 5 | 7 | 8 | 9 |
| 8 | 2 | 7 | 1 | 3 | 9 | 5 | 6 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାସ୍ଥ୍ୟ ହିଁ ସମ୍ପଦ

ମହାଶୟ,

ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି କଳ୍ପେ ସରକାର ନାନାବିଧ ଯୋଜନା କରୁଛନ୍ତି। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏହି ମର୍ମରେ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟ ନେଇ ସରକାର ନୂତନ ଡାକ୍ତରଖାନା, ଆଞ୍ଚଳିକ ଡାକ୍ତରଖାନା ଓ ମେଡିକାଲ କଲେଜମାନ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେଉଛନ୍ତି। ଅପହଞ୍ଚ ସ୍ଥାନରେ ରୋଗୀମାନେ କିପରି ଉତ୍ତମ ଚିକିତ୍ସା ପାରିବେ ସେଥିପାଇଁ ବନ୍ଦୋବସ୍ତ କରୁଛନ୍ତି। ତେବେ କେବଳ ନୂତନ ଡାକ୍ତରଖାନା ନିର୍ମାଣ ଓ ମରାମତି କରିଦେଲେ ଲୋକେ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ଭାବିବା ଠିକ୍ ନୁହେଁ। ସେଥିପାଇଁ ଆବଶ୍ୟକ ଚିକିତ୍ସକ ରହିବା ଆବଶ୍ୟକ। ଏଥିସହ ଔଷଧ ଓ ଯଥେଷ୍ଟ ଯନ୍ତ୍ରପାତି, ଡାକ୍ତରଙ୍କୁ ସାହାଯ୍ୟ ପାଇଁ ନର୍ସ, ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟକର୍ମୀ ଓ ଟେକ୍ନିସିଆନମାନଙ୍କୁ ନିଯୁକ୍ତି ଦେବା ଦରକାର। ଏତଦ୍‌ଭିନ୍ନ ସ୍ୱାସ୍ଥ୍ୟ ସେବାର ତଦାରଖ ଆବଶ୍ୟକ। ମଝିରେ ମଝିରେ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟ ପରିଚାଳନାକୁ ତନଖି କରାଯିବା ବାଞ୍ଛନୀୟ। ତା'ହେଲେ ଲୋକଙ୍କୁ ପ୍ରକୃତ ସ୍ୱାସ୍ଥ୍ୟସେବା ମିଳିବା ସମ୍ଭବ ହୋଇପାରିବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଦିକାଳୁଁ ଯା'ର ଚଳେ ଆଲୋଚନା
ଅବିରାମ ସେହି ରୂପର ସାଧନା
ରଚେ ଅହରହ ନବ ନବ ଭାଷା
କେତେ ଯୁଗ ଯୁଗ ଧରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ

ରୂପସା, (ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ତୁଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ରବିବାର ସ୍ୱେଚ୍ଛାସେବୀମାନଙ୍କୁ ନେଇ ବିଶ୍ୱ ଶିଶୁ ଶ୍ରମିକ ବିରୋଧ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜେଏମ୍ଏଫ୍‌ସି ଜଜ୍ ଗାୟତ୍ରୀ ମିଶ୍ର ଯୋଗଦେଇ ଶିଶୁମାନଙ୍କର ଭବିଷ୍ୟତ ବିଷୟରେ ବର୍ଣ୍ଣନା କରିଥିଲେ। ସାମାଜିକ କର୍ମୀ କୁମୁଦ ରଞ୍ଜନ ଗିରି, ଗୀତାଞ୍ଜଳି ପ୍ରହରାଜ, ପୁଷ୍ପଲତା ଗାଣ, ପ୍ରଶାନ୍ତ ପରିଡ଼ା, ଦିବ୍ୟଜ୍ୟୋତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନିରଞ୍ଜନ ଜେନା ଓ ସେକ ଜାଗିରୁଦ୍ଦିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ୧୮ ଛାତ୍ରୀଛାତ୍ର ଦେଲେ ମୁଣ୍ଡାରୀ ଭାଷା ପରୀକ୍ଷା

ବାରିପଦା ଅଫିସ,୧୨।୬-କେନ୍ଦ୍ରୀୟ ମାଧମିକ ମୁଣ୍ଡାରୀ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମୁଣ୍ଡାରୀ ଭାଷାର ମୁଣ୍ଡାରୀବାନୀ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ବାରିପଦା ବ୍ଲକ ବେତନା ପଞ୍ଚାୟତ ଅଧୀନ ଦାମୋଦରପୁର ସ୍ଥିତ ଡ.ରାମ ଦୟାଲ ବର୍ମା ମୁଣ୍ଡାରୀବାନୀ ବିଦ୍ୟାଳୟରେ ବାର୍ଷିକ ମୁଣ୍ଡାରୀବାନୀ ପରୀକ୍ଷାରେ ୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ବାରିପଦା ବ୍ଲକ ସମେତ ଶାମାଖୁଣ୍ଟା, ବଡ଼ସାହି ଓ ଗୋପବନ୍ଧୁନଗର ବ୍ଲକରୁ ସଂଖ୍ୟାଧିକ ୧ମ,୨ୟ,୩ୟ ଓ ୫ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇଛନ୍ତି। ପ୍ରଧାନ ଶିକ୍ଷକ ଗୁରା ସିଂ, ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସିଂ ଓ ଆଦିବାସୀ ଛାତ୍ରନେତା ବାଜି ସିଂ ପରୀକ୍ଷାକୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ରଇବାରୀ ସିଂ, ଗୁରା ସିଂ, ଶୁଭନ ସିଂ, ଗଲି ସିଂ ଗୁରୁବାରୀ ସିଂ ପ୍ରମୁଖ ସହଯୋଗ କରିଥିଲେ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ବୈଶିଙ୍ଗା,୧୨।୬(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ମହୁରୀ ନିକଟରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି। ଏନେଇ ୩ ଦିନ ଧରି ମନ୍ଦିର ପରିସର ଉତ୍ସବ ମୁଖର ହୋଇପଡ଼ିଥିଲା। ମନ୍ଦିର ପ୍ରତିଷ୍ଠା, ହୋମଯଜ୍ଞ,ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ଯଜ୍ଞ ଓ ଅନ୍ନ ଯଜ୍ଞ ଭାବେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ୮ତାରିଖରେ ଅଧିବାସ ମଙ୍ଗଳାରୋପଣ, ୯ରେ ମହିଳାମାନଙ୍କ ଦ୍ୱାରା ନିକଟସ୍ଥ ପୁଷ୍କରିଣୀରୁ ଘଟୋତ୍ତଳନ କରାଯାଇ କଳସ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ଯଜ୍ଞ ଆରମ୍ଭ କରାଯାଇ ପରେ ନାମଯଜ୍ଞ ସମାପନ ଏବଂ ଘୃତ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ହଜାର ହଜାର ସଂଖ୍ୟାରେ ଅଞ୍ଚଳବାସୀ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପୂର୍ବରୁ ୨୦୦୫ରେ ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ପ୍ରେମୀ ସୁବ୍ରତ କୁମାର ମହାନ୍ତ, ମଦନ ମହାନ୍ତ ଓ ମୁନା ଦଳେଇ ପୁରୀରୁ ଶ୍ରୀଜଗନ୍ନାଥଙ୍କର ଚତୁର୍ଦ୍ଧାମୂର୍ତ୍ତି ଆଣି ମାଟି ଛପର ଘରେ ରଖି ବ୍ରାହ୍ମଣଙ୍କ ଦ୍ୱାରା ବିଧି ମୁତାବକ ପୂଜାର୍ଚ୍ଚନା କରିଆସୁଥିଲେ। ପ୍ରତିବର୍ଷ ଅଞ୍ଚଳରେ ମାତ୍ର ରଥ ଯାତ୍ରା ମଧ ଅନୁଷ୍ଠିତ ହୋଇ ଆସୁଛି।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୧୨।୬(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଆରବନ୍ଦ ପଞ୍ଚାୟତ ଡାହିସାହି ଗ୍ରାମ ବାସିନ୍ଦା ରାଜୁ ଝାମ୍ପା (୩୧) ରବିବାର ଘରପାଖ ରାସ୍ତାରେ ମର୍ଣ୍ଣିଂୱାର୍କ ସାରି ଛକ ନିକଟରେ ବସିଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଛନ୍ତି। ଭାଲୁଟି ୪ଟି ସ୍ଥାନରେ ଗଭୀର କ୍ଷତ କରି ଛାଡ଼ି ପଳାଇଯାଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ଉଦ୍ଧାର କରି ସ୍ଥାନୀୟ ବରହମପୁର ମେଡିକାଲକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ଆଣି ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ଗ୍ରାମବାସୀ ଓ ପରିବାର ପକ୍ଷରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

# ସାଳନ୍ଦୀ ସଂସ୍କାର ଯୋଜନା ବାଟବଣା

- ନଦୀରେ ମିଶୁଛି ଡ୍ରେନ୍‌ପାଣି
- ଶୁଖିଲା ପଡ଼ିଛି ତଳମୁଣ୍ଡ

ଭଦ୍ରକ ଅଫିସ, ୧୨।୬


ଦଳ ଭର୍ତ୍ତି ନଦୀ।

ଭଦ୍ରକ ଜିଲାର ଜୀବନରେଖା କୁହାଯାଉଥିବା ସାଳନ୍ଦୀ ନଦୀ ଦିନକୁ ଦିନ ଅବହେଳିତ ହେଉଛି। ନଦୀଗର୍ଭ ଏବେ ଦଳ ଭର୍ତ୍ତି ହୋଇଥିବା ବେଳେ ଭଦ୍ରକ ସହରର ଡ୍ରେନ୍ ପାଣି ଛଡ଼ାଯିବା ସହ ଅଳିଆ ଆବର୍ଜନା ପକାଯାଉଥିବାରୁ ନଦୀ ଜଳ ବିଷାକ୍ତ ହୋଇଯାଇଛି। ଜିଲାର ୪ ବ୍ଲକ ବନ୍ତ, ଭଦ୍ରକ, ତିହିଡ଼ି ଓ ଚାନ୍ଦବାଲି ଦେଇ ପ୍ରବାହିତ ଏହି ନଦୀ ପାଇଁ ସାଳନ୍ଦୀ ସଂସ୍କାର ଯୋଜନା ମାଧ୍ୟମରେ ୧୨୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ସରିଥିଲେ ବି ଯୋଜନା ବାଟବଣା। ସାଳନ୍ଦୀ ଜଳ ଦ୍ୱାରା ୮,୨୦୦ ହେକ୍ଟର ଜମି ଜଳସେଚିତ ହେଉଥିବା ଜଳସମ୍ପଦ ଡିଭିଜନ ପକ୍ଷରୁ ସୂଚନା ଥିବାବେଳେ ତଳ ମୁଣ୍ଡରେ ନଦୀ ଶୁଖିଲା ପଡୁଥିବାରୁ ଚାଷ ପାଇଁ ବ୍ୟବହାର ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଭଦ୍ରକର କେତେକ ସ୍ଥାନରେ ନଦୀ ଗର୍ଭ ଜବରଦଖଲ ସାଙ୍ଗକୁ ବେଆଇନ ବାଲିଉଠାଣ, କମ୍ପାନୀ ଦ୍ୱାରା ଜଳ ଶୋଷଣ ଓ ଅଳିଆ ଆବର୍ଜନା ସଫେଇ ହେଉ ନ ଥିବା ମୁଖ୍ୟ ସମସ୍ୟା ପାଲଟିଛି।

କେନ୍ଦୁଝର ଜିଲାର ହଦଗଡ଼ ଡ୍ୟାମ୍‌ରୁ ବାହାରି ଚାନ୍ଦବାଲି ବ୍ଲକର ତିନିତର ପର୍ଯ୍ୟନ୍ତ ୧୩୦ କି.ମି. ଲମ୍ବ ଏହି ନଦୀ। ଏହି ପରିଧି ମଧ୍ୟରେ ବନ୍ତ ବ୍ଲକର ୬ ପଞ୍ଚାୟତ, ଭଦ୍ରକର ୧୦, ତିହିଡ଼ିର ୭ ଏବଂ ଚାନ୍ଦବାଲିର ୬ ପଞ୍ଚାୟତ ରହିଛି। ତେବେ ଅନେକ ସ୍ଥାନରେ ନଦୀଗର୍ଭ ପୋତି ହୋଇପଡ଼ିଥିବାରୁ ୧୯୯୯ ପ୍ରଳୟଙ୍କରୀ ବନ୍ୟା ସମୟରେ ନଦୀକୂଳିଆବାସୀଙ୍କ ବହୁ ଧନଜୀବନ ହାନି ଘଟିଥିଲା। ପରେ କେନ୍ଦ୍ର ସରକାରଙ୍କ ସାଳନ୍ଦୀ ସଂସ୍କାର ଯୋଜନାରେ ୨୦୦୬-୦୭ରେ ୯୯ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ପରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର ଅଟକଳ ମୂଲ୍ୟକୁ ୧୪୪କୋଟି ୬୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ନଦୀ ଖନନ, ଡ୍ରେନେଜ୍ ବ୍ୟବସ୍ଥା ଓ ନଦୀବନ୍ଧ ନିର୍ମାଣ ବାବଦକୁ ୩୯କୋଟି, ପ୍ରକଳ୍ପରେ ଜମି ଅଧିଗ୍ରହଣ ବାବଦକୁ ୪୪କୋଟି, ଦଶମୌଜା ଓ ଗୋପାଳିଆ କେନାଲ ଖନନ ବାବଦକୁ ୮୦କୋଟି ୧୮ଲକ୍ଷ ଟଙ୍କା ଖର୍ଚ୍ଚ ପରେ ମଧ ନଦୀ ସଂସ୍କାର ଯୋଜନା ବାଟବଣା ହୋଇରହିଛି। ଠିକ୍ ଭାବେ କାମ ହେଉ ନ ଥିବାରୁ ନଦୀ ଦଳ ଭର୍ତ୍ତି ହେବା ସହ ଅପରିଷ୍କାର ହୋଇଯାଉଛି। ଅପରପକ୍ଷେ ନଦୀ ଗର୍ଭରୁ ବେଆଇନ ଭାବେ ବାଲି ଉଠାଣ ଓ ସ୍ଥାନୀୟ ଅଞ୍ଚଳର ଏକ କମ୍ପାନୀ ନଦୀର ଜଳକୁ ଶୋଷଣ କରୁଥିବାରୁ ଜଳସ୍ତର କମିଯାଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ସମ୍ପର୍କରେ ସାଳନ୍ଦୀ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ କହିଛନ୍ତି, ନଦୀଗର୍ଭର ମାଟି ଉର୍ବର ହୋଇଥିବାରୁ ଦଳ ବଢ଼ିବାରେ ସହାୟକ ହେଉଛି। ପ୍ରତିବର୍ଷ ଦଳ ସଫା କରାଯାଉଛି। ଏଥର ଚଳିତମାସ ଶେଷ ସୁଦ୍ଧା ସଫା କରାଯିବ। ଲୋକେ ନଦୀରେ ଅଳିଆ ଆବର୍ଜନା ପକାଉଥିବାରୁ ଜଳ ଦୂଷିତ ହେଉଛି। ନଦୀ ଜଳ ପ୍ରଦୂଷଣମୁକ୍ତ ଏବଂ କୂଳ ବନ୍ଧର ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଇଛି।

# ଗୋରୁ ବୋଝେଇ ଗାଡ଼ି ଜବତ

## ୪ କୋର୍ଟ ଚାଲାଣ

ବାରିପଦା ଅଫିସ,୧୨।୬

ମୟୂରଭଞ୍ଜ ଜିଲା ୧୮ ଓ ୪୯ନଂ ଜାତୀୟ ରାଜପଥ ଦେଇ ପଶ୍ଚିମବଙ୍ଗକୁ ପ୍ରତିଦିନ ବେଆଇନ ଭାବେ ଗୋ ଚାଲାଣକୁ ରୋକିବା ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରୟାସ ଜାରି ରହିଛି। ରବିବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଅତି ଅମାନବୀୟ ଭାବେ ୪୨ଟି ଗୋରୁ ଚାଲାଣ ହେଉଥିବା ବେଳେ ବେତନଟୀ ଥାନା ପୋଲିସ ଏହାକୁ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା କଦଳିଆ ଗ୍ରାମର ଲକ୍ଷ୍ମୀଧର ବେହେରା, ଯୁଗଳ ଗୋବିନ୍ଦପୁର ଗ୍ରାମର ସୁମନ୍ତ କବାଟ, ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଶେଖ ଦାଉଦ ଓ ଗୋବିନ୍ଦରାୟପୁର ଗ୍ରାମର ଶେଖ ନେଜିମୁଦ୍ଦିନ। ପ୍ରାଣୀଧନ ଚିକିତ୍ସକ ପହଞ୍ଚି ଆହତ ଗୋରୁମାନଙ୍କ ଚିକିତ୍ସା ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲାରୁ ପଶ୍ଚିମବଙ୍ଗକୁ ଗୋ ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ବେତନଟୀ ପୋଲିସ ଚଢ଼ାଉ କରିଥିଲା। ପିକଅପ୍ ଗାଡ଼ିଟି ଦ୍ରୁତ ଗତିରେ ପଳାଇଯିବା ପରେ ପୋଲିସ ତାର ପିଛା କରି ନହଣ୍ଡାଶୋଳଠାରେ ତାହାକୁ ଅଟକାଇଥିଲା। ତେବେ ଗୋ ଚାଲାଣକାରୀଙ୍କୁ ସୁରକ୍ଷା ଯୋଗାଇ ପଛେପଛେ ଯାଉଥିବା ଏକ ବୋଲେରୋ ଗାଡ଼ିକୁ ମଧ ପୋଲିସ ଜବତ କରିଥିବା ସୂଚନା ଦେଇଛି।



# ଶିଶୁଙ୍କ ସ୍ୱାସ୍ଥ୍ୟ ଓ ମାନସିକ ବିକାଶ ଲାଗି ଯୋଗଶିକ୍ଷା

ବାଲେଶ୍ୱର ଅଫିସ, ୧୨।୬



ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି।

ବାଲେଶ୍ୱର ସହରର ଅଗ୍ରଣୀ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ହେଲଦି ଲାଇଫ ଓ ଇନଷ୍ଟିଚ୍ୟୁଟ୍ ଅଫ ନେଚରକିଓର ଆଣ୍ଡ ଯୌଗିକ ସାଇନ୍ସ ପକ୍ଷରୁ ଚିଡ଼ିଆପୋଲସ୍ଥିତ କ୍ୟାମ୍ପସରେ ଗ୍ରୀଷ୍ମକାଳୀନ ଶିଶୁ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡା. ସୁଶାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ମାନସିକ ବିକାଶରେ ଯୋଗଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗ ଓ ପ୍ରାଣାୟମ ସହ ନୈତିକ ଶିକ୍ଷା ଦୈନନ୍ଦିନ ଜୀବନରେ ଜଡ଼ିତ କରିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ହେଲଦି ଲାଇଫର ନିର୍ଦ୍ଦେଶକ ଡା. ଚିତ୍ତରଞ୍ଜନ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଥିଲେ। ସାମ୍ପ୍ରତିକ ଆଧୁନିକ ସମାଜରେ ଆମର ପୁରାତନ ଚିକିତ୍ସା ପ୍ରଣାଳୀ ସହିତ ଯୋଗ ଓ ପ୍ରାଣାୟମଠାରୁ ସମସ୍ତେ ଦୂରେଇ ଯାଉଥିବା ବେଳେ ହେଲଦି ଲାଇଫ ଘରେ ଘରେ ଯୋଗକୁ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଥିବା ସୂଚନା ଦେଇଥିଲେ। ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ୫ରୁ ୧୬ବର୍ଷ ବୟସର ଶିଶୁଙ୍କୁ ନେଇ ଗତ ୫ତାରିଖରୁ ଆରମ୍ଭ ହୋଇଥିବା ବ୍ରେନ ଏକ୍‌ସଲେନ୍ସ ପ୍ରୋଗ୍ରାମ ଅଧୀନ ଯୋଗାଭ୍ୟାସ, ଖେଳ, ଗୀତ, ଓ ଶ୍ଳୋକ ଆଦି ପ୍ରଶିକ୍ଷଣ ମାଧ୍ୟମରେ ଶିଶୁଙ୍କୁ ମାନସିକ ବିକାଶ, ମନର ସ୍ଥିରତା, ନୈତିକ ଶିକ୍ଷା, ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଏକ ସୁସ୍ଥ ସମାଜ ଗଠନ ପାଇଁ ଶିଶୁଙ୍କ ସହ ସେମାନଙ୍କ ଅଭିଭାବକମାନେ ଘରେ ନିୟମିତ ଯୋଗାଭ୍ୟାସ ନିମନ୍ତେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଅଂଶଗ୍ରହଣ କରିଥିବା ଶିଶୁମାନଙ୍କୁ ହେଲଦି ଲାଇଫ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

# ଚିକିତ୍ସାଧୀନ ଆହତ ଯୁବକଙ୍କ ମୃତ୍ୟୁ

ଯୋଡ଼ା,୧୨।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ଆଜାଦ ନଗରରେ ରହୁଥିବା ନୌଶାଦଙ୍କ ପୁଅ ମୁଜାହିଦଙ୍କ ରାଉରକେଲା ଆଇଜିଏଚ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ଘଟିଥିବା ଜଣାପଡିଛି। ପ୍ରକାଶ ଯେ, ଗତ ଗୁରୁବାର ପ୍ରବଳ ଗରମ ହେଉଥିବାରୁ ନୌଶାଦଙ୍କ ଦୁଇ ପୁଅ ମୁଜାହିଦ ଓ ସାକିବ ଘରର ଛାତ ଉପରକୁ ଶୋଇବାକୁ ଯାଉ ଥିବା ବେଳେ ଛାତ ଠାରୁ ଖୁବ କମ ଉଚ୍ଚତା ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଯୋଡ଼ା ସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନା ଏବଂ ପରେ ରାଉରକେଲା ସ୍ଥିତ ଆଇଜିଏଚକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସାକିବ ସୁସ୍ଥ ଥିବା ବେଳେ ମୁଜାହିଦଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ଯୋଡ଼ାରେ ଶୋକର ଛାୟା ଖେଳିଯାଇଛି।

# ପାଣି ଟ୍ୟାଙ୍କରକୁ ପିଟିଲା ଟ୍ରକ୍, ଜଣେ ଗୁରୁତର

ଭଣ୍ଡାରିପୋଖରୀ, ୧୨।୬(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ. ଜାତୀୟ ରାଜପଥର ବସ୍‌ଷ୍ଟାଣ୍ଡ ଓଭରବ୍ରିଜ ଉପରେ ରବିବାର ଅପରାହ୍ନରେ ଏକ ପାଣି ଟ୍ୟାଙ୍କରକୁ ଟ୍ରକ୍ ଧକ୍କା ଦେବାରୁ ଜଣେ ଚାଳକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ରାଜପଥ ନିର୍ମାଣକାରୀ ସଂସ୍ଥାର ଏକ ଟ୍ୟାଙ୍କର ରାସ୍ତା ମଝିରେ ଲାଗିଥିବା ଗଛରେ ପାଣି ଦେଉଥିଲା। ଏହି ସମୟରେ ଭଦ୍ରକ ପଟୁ ଏକ ଟ୍ରକ୍ ଆସି ଟ୍ୟାଙ୍କରକୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ଟ୍ରକ୍ ଚାଳକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଟ୍ୟାଙ୍କର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଗାଡ଼ିକୁ ଜବତ କରିଛି।

# ଶିକ୍ଷୟିତ୍ରୀ ଜୟନ୍ତୀ କରଶର୍ମା ସମ୍ମାନିତ

ଭଦ୍ରକ ଅଫିସ, ୧୨।୬

ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲେଖିକା ତଥା ଭଦ୍ରକ ଜିଲା ସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ଜୟନ୍ତୀ କରଶର୍ମାଙ୍କୁ ୟୁନିଭର୍ସିଟି ଅଫ୍ ସେଣ୍ଟ୍ରାଲ ଆମେରିକା ପକ୍ଷରୁ ଅନରାରୀ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବାଚସ୍ପତି ତାଙ୍କୁ ସମ୍ମାନିତ କରିଥିଲେ। ଶିକ୍ଷୟିତ୍ରୀ କରଶର୍ମାଙ୍କ ଘର ବନ୍ତ ବ୍ଲକର ନିମାପଡ଼ା ଗ୍ରାମରେ। ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, କଣ୍ଠଶିଳ୍ପୀ ଓ ସାରସ୍ୱତ ସାଧିକା। ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅବଦାନ ରଖିଥିବା ଜୟନ୍ତୀ ଆଧାତ୍ମିକ ରଚନା ଓ ଫିଚର ଲେଖିକା ଭାବେ ପରିଚିତ। ସେ ବହୁ ଭଜନ ଲେଖିବା ସହ କଣ୍ଠଦାନ କରିଛନ୍ତି। ତାଙ୍କର ଦ୍ୱିତୀୟ ଆଧାତ୍ମିକ ରଚନା ପୁସ୍ତକ 'ଜିଜ୍ଞାସା ସୁଧା ସଞ୍ଜିବନୀ' ପାଠକଙ୍କ ପ୍ରିୟ ହୋଇପାରିଛି। ପୂର୍ବରୁ ସେ ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଅନରାରୀ ଡକ୍ଟରେଟ ଉପାଧିରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଜୟନ୍ତୀ କରଶର୍ମାଙ୍କୁ ସମ୍ମାନିତ କରାଯାଉଛି।

# ଗୋଁଡ଼ ସମାଜର ଉନ୍ନତି ସାଧନ ପରିବର୍ତ୍ତନ ସଭା



ସଭାରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

କେନ୍ଦୁଝର, ୧୨।୬(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଗୋଁଡ ସାଂସ୍କୃତିକ ସମାଜର ଆହ୍ୱାନକ୍ରମେ କଣ୍ଡରାପଶିଠାରେ ଜିଲା ସଭାପତି ଜନାର୍ଦ୍ଦନ ନାୟକଙ୍କ ସଭାପତିତ୍ୱରେ ଗୋଁଡ ସମାଜର ଉନ୍ନତି ସାଧନ ପରିବର୍ତ୍ତନ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭା ପୂର୍ବରୁ ପରମ୍ପରା ଅନୁଯାୟୀ କଳସଯାତ୍ରା ଓ ଜଙ୍ଘା ବୁଢାଦେଓଙ୍କ ପୂଜାର୍ଚ୍ଚନା ଯଥାରୀତି ହେଲା ପରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଧାୟକ ପ୍ରାଣବଲ୍ଲଭ ନାୟକଙ୍କ ଦ୍ୱାରା ସଭା ଉଦ୍‌ଘାଟନ ଓ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବିଧାୟକ କାହ୍ନୁଚରଣ ନାୟକଙ୍କ ଦ୍ୱାରା ସମାଜ ପତାକା ଉତ୍ତୋଳନ ହୋଇଥିଲା। ପରିବର୍ତ୍ତନ ଧାରାରେ ସମାଜକୁ ଆଗେଇ ନେବା କାର୍ଯ୍ୟକ୍ରମରେ ସାରା ଜିଲାରୁ ବିଭିନ୍ନ ପଲ୍ଲୀ ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ। ଜିଲା ସାଧାରଣ ସଂପାଦକ ହରେକୃଷ୍ଣ ନାୟକ ଅତିଥି ପରିଚୟ ଓ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାଗିରଥି ନାୟକ ଓ ଭାସ୍କର ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପଦ୍ମଚରଣ ନାୟକ, କଳ୍ପତରୁ ନାୟକ, ଉପେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆବର୍ଜନା ସଫାକଲେ ଲୋକ ପ୍ରତିନିଧି

ପାଟଣା,୧୨।୬(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସରପଞ୍ଚ ବିନତୀ ବାନରାଙ୍କ ନେତୃତ୍ୱରେ ରବିବାର ଦୁର୍ଗାଦେଇପୁର ସ୍ଥିତ ବେହେରା ସାହିକୁ ୭ଟି ୱାର୍ଡର ୱାର୍ଡମେମ୍ବର ପହଞ୍ଚି ରାସ୍ତାଘାଟ ସହ ଡ୍ରେନ ସଫେଇ କରିବା ସହ ଡ୍ରେନରେ ବ୍ଲିଚିଙ୍ଗ ପାଉଡର ପକାଇଥିଲେ। ସାହିଲୋକମାନଙ୍କୁ ନିଜ ଘର ଅଳିଆ ଆବର୍ଜନାକୁ ପଞ୍ଚାୟତ ଡଷ୍ଟବିନରେ ପକାଇବା ଓ ଖୋଲାରେ ମଳତ୍ୟାଗ ନ କରି ପାଇଖାନା ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। କର୍ଯ୍ୟକ୍ରମରେ ବଡ଼ପାଟଣା ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ ଓ ସରପଞ୍ଚ ବିନତୀ ବାନରାଙ୍କ ନେତୃତ୍ୱରେ ଟାଇଶିରା ୱାର୍ଡମେମ୍ବର ନିରୂପମା ପାତ୍ର, ବଡ଼ପାଟଣା ୱାର୍ଡମେମ୍ବର ଚନ୍ଦ୍ରଶେଖର ନାଏକ, ସ୍ୱାମ ୱାର୍ଡ ମେମ୍ବର ସସ୍ମିତା ନାଏକ, କାମେଶ୍ୱର ପୁର ୱାର୍ଡ ମେମ୍ବର ବାସନ୍ତୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ ।

# ୨୮ବର୍ଷ ହେଲା ସମ୍ପର୍କ ଯୋଡୁଛନ୍ତି ସୁଧାକର

ଖଇରା,୧୨।୬(ଡି.ଏନ.ଏ.)

ଆଇସକ୍ରିମ ଖାଇବା କଥା ଶୁଣିଲେ ପିଲାମାନଙ୍କ ଖୁସି କହିଲେ ନ ସରେ। ବିଶେଷକରି ଖରାଦିନେ ଏହାର ଚାହିଦା ଅଧିକ। ଏବେ ପୁଣି ବଜାରରେ ମିଳୁଥିବା ବିଭିନ୍ନ ଫ୍ଲେଭର ଆଇସକ୍ରିମ ପିଲାମାନଙ୍କୁ ଆକର୍ଷିତ କରୁଛି। ହେଲେ ଖଇରା ଓ ଆଖପାଖ ଅଞ୍ଚଳରେ ୨୮ ବର୍ଷ ହେଲା ଆଇସକ୍ରିମ ବ୍ୟବସାୟ କରି ଲୋକଙ୍କ ସହ ସମ୍ପର୍କ ଯୋଡ଼ି ଚାଲିଛନ୍ତି ସୁଧାକର ଦାସ(୪୫) । ତାଙ୍କ ଘର ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପାଣିସାଉଁଳି ଗ୍ରାମରେ । ତାଙ୍କୁ ଯେତେବେଳେ ୧୫ବର୍ଷ ହୋଇଥିଲା, ତାଙ୍କ ଭାଇ ତ୍ରିନାଥ ତାଙ୍କୁ ଆଇସକ୍ରିମ ବ୍ୟବସାୟ କରିବାକୁ ପରାମର୍ଶ ଓ ପ୍ରଯୁକ୍ତି ପ୍ରଦାନ କରିଥିଲେ । ପ୍ରଥମେ ବିସୁନପୁର ଗ୍ରାମ ନିକଟରେ ଏକ ଭଡ଼ା ଘରେ ବ୍ୟବସାୟ ଆରମ୍ଭ କରିଥିଲେ । ପରେ ବ୍ୟବସାୟ ବଢିବା ପରେ ଲାଭାଂଶରୁ ଜିଆଣିପଦା ନିକଟରେ ଜାଗା କିଣି ଫ୍ୟାକ୍ଟ୍ରି ବସାଇଥିଲେ । ଏବେ ୧୦ଜଣ ବ୍ୟବସାୟୀଙ୍କ ଜରିଆରେ ବିଭିନ୍ନ ଗ୍ରାମକୁ ପଠାଇ ଆଇସକ୍ରିମ ବିକ୍ରି କରୁଛନ୍ତି । ପୂର୍ବରୁ ସେ ଏକମାତ୍ର ଦୋକାନୀ ଥିଲେ। ଏବେ ବଜାରରେ ପ୍ରତିଯୋଗିତା ଯୋଗୁ ଲାଭର ପରିମାଣ କମି ଯାଉଛି । ଆଇସକ୍ରିମ ମୂଲ୍ୟ ୫ଟଙ୍କା ପାଖରୁ ଆରମ୍ଭ କରି ୩୫ଟଙ୍କା ପର୍ଯ୍ୟନ୍ତ ଦରରେ ବିକ୍ରି ହେଉଛି । ବଜାର ଚାହିଦା ମୁତାବକ ବିଭିନ୍ନ ଆଇସକ୍ରିମରେ ବିଭିନ୍ନ ଫ୍ଲେଭର ବ୍ୟବହାରକୁ ପିଲାମାନେ ଅଧିକ ପସନ୍ଦ କରୁଛନ୍ତି । ମାର୍ଚ୍ଚରୁ ଜୁନ ପର୍ଯ୍ୟନ୍ତ ଏହି ବ୍ୟବସାୟ ଠିକଠାକ୍ ଚାଲୁଥିବା ବେଳେ ବାକି ମାସରେ ଘରେ ଚାଷ କରିଥାନ୍ତି । ଏହି ବ୍ୟବସାୟରୁ ଝିଅ ଓ ପୁଅଙ୍କୁ ପାଠ ପଢାଇବା ସହ ସମସ୍ତ ଗୁଜୁରାଣ ମେଣ୍ଟାଇଥାନ୍ତି । ବ୍ୟବସାୟ ମାଧ୍ୟମରେ ଲୋକଙ୍କ ସହ ସମ୍ପର୍କ ସୃଷ୍ଟି ହେବା ସହ ସେ ଆତ୍ମନିର୍ଭରଶୀଳ ହୋଇପାରିଥିବା ପ୍ରକାଶ କରିଛନ୍ତି ।


ଆଇସକ୍ରିମ ଫ୍ୟାକ୍ଟ୍ରିରେ ବ୍ୟସ୍ତ ସୁଧାକର।

# ଶ୍ରୀଜଗନ୍ନାଥଙ୍କ ପଟିଦିଅଁରେ ଲାଗି ହେଲା ରଙ୍ଗ

## ପ୍ରଥମ ବାଲେଶ୍ୱରୀ ଚଢେୟା ନାଟ ପ୍ରତିଯୋଗିତା ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୧୨।୬


ପଟିଦିଅଁ ଅଙ୍କନ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱରୀ କଳା କେନ୍ଦ୍ର ଓ ନୋସି କଲଚ୍ୟୁରାଲ ଏକାଡ଼େମୀର ମିଳିତ ସହଯୋଗରେ ନୋସି ଉତ୍କଳା ମୁକ୍ତମଞ୍ଚରେ ପଟିଦିଅଁ ଅଙ୍କନ ଉତ୍ସବ ଦ୍ୱିତୀୟ ଦିବସରେ ଚିତ୍ରକରମାନେ ପଟିଦିଅଁରେ ରଙ୍ଗ ଭରିଛନ୍ତି। ଏଥିସହ ପ୍ରଥମ ବାଲେଶ୍ୱରୀ ଚଢେୟା ନାଟ ପ୍ରତିଯୋଗିତା ଅନୁଷ୍ଠାନିକ ଭାବେ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଚଢେଇୟା ନାଟ ପ୍ରତିଯୋଗିତାର ଉଦ୍‌ଘାଟକ ଭାବେ ପୂର୍ବତନ ସଂସ୍କୃତି ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ବାଲେଶ୍ୱର କଳାସଂସ୍କୃତିର ପରମ୍ପରାକୁ ଭୂୟସୀ ପ୍ରଶଂସା କରି କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ ଯୋଗଦେଇ କଳା ଓ କଳାକାରଙ୍କୁ ଅଧିକରୁ ଅଧିକ ସହଯୋଗ ହାତ ବଢ଼ାଇବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଲୋକକଳା ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସର୍ବେଶ୍ୱର ଜେନା ଓ ସୁମନ୍ତ କୁମାର ଜେନା ଯୋଗ ଦେଇଥିଲେ। ତ୍ରିବେଣୀଶ୍ୱର ପୀଠାଧୀଶ ବାବାଜୀ ଦୟାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ଶାସନ ଜଗନ୍ନାଥ ମନ୍ଦିର ମୁଖ୍ୟ ପ୍ରଭାସ ଦାସ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ସଭା ଆରମ୍ଭରେ ପଟିଦିଅଁ ଆଧାରିତ 'ଚିତ୍ରକରଙ୍କୁ ଧନ୍ୟ କର' ଗୀତ ପରିବେଷଣ କରାଯାଇଥିଲା। ଶିଶୁ ଓଡ଼ିଶୀ ନୃତ୍ୟଶିଳ୍ପୀ ରିଷିତା ରାୟଦଳାଇ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଚଢେଇୟା ନାଟ ପ୍ରତିଯୋଗିତାର ପ୍ରଥମ ସନ୍ଧ୍ୟାରେ ଅତିଥିମାନେ ଚଢେୟା ନାଟର ବିଚାରକ ଓ ସମସ୍ତ କଳାକାରଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ସ୍ୱାଗତ କରିଥିଲେ। ବାଲେଶ୍ୱର ଜିଲା ପୋଷ୍ୟ କଳାଗ୍ରାମ ଗୁଡୁଦା ପାଟଣାର ମା' ଭଗବତୀ କଳା ନିକେତନ ଯୋଗଦେଇ ସୁନ୍ଦର ଚଢେୟାନାଟ ପରିବେଷଣ କରିଥିଲେ। ୩ ସ୍ୱୀକୃତିପ୍ରାପ୍ତ ଚିତ୍ରକରଙ୍କ ସହ ସଂଯୁକ୍ତା ଦାସ, ରୂପକ ଦାସ, ଧନଞ୍ଜୟ ଧଳ, ଭବାନୀ ନାୟକ, ଅଙ୍କିତ ଦାସ, ପପୁନ ପ୍ରଧାନ, ଜୟସ୍ମିତା ମହାଳିକ, ସସ୍ମିତା ଦାସ, ସୁମିତା ମାଝି, ହିମାଂଶୁ ବଇଠା, ଯଶଶ୍ରୀ ସ୍ୱାଇଁ ପ୍ରମୁଖ ଚିତ୍ରଶିଳ୍ପୀ ପଟିଦିଅଁ ଅଙ୍କନ ପାଇଁ ଡ୍ରଇଁ କରିବା ସହ ରଙ୍ଗ ଭରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ଜଗନ୍ନାଥପ୍ରେମୀ ଓ ଲୋକକଳା ପ୍ରେମୀଙ୍କୁ ଯୋଗଦେବା ପାଇଁ ଆୟୋଜକ ନିବେଦନ କରିଛନ୍ତି।

**ବିକାଶ ତୀର୍ଥ ବାଇକ ରାଲି**

ନୀଳଗିରି, (ସ୍ୱ.ପ୍ର.)- ଭାଜପା ଯୁବମୋର୍ଚ୍ଚା ନୀଳଗିରି ପକ୍ଷରୁ ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ତୀର୍ଥ ବାଇକ ରାଲିର ନୀଳଗିରି ସଂଯୋଜକ ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗୋପୀନାଥପୁର ଷ୍ଟେଶନରୁ ବାହାରି ନୀଳଗିରି ନଗର ପରିକ୍ରମା କରି ନୀଳଗିରି ଡାକବଙ୍ଗଳାରେ ଶେଷ ହୋଇଥିଲା। ସମାବେଶରେ ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲା ସମ୍ପାଦିକା ରେଣୁ ବିଶ୍ୱାଳ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ସୁବୋଧ ପଣ୍ଡା ଓ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜିଲା ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ମଣ୍ଡଳ ସଭାପତି ତାପସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ମୋବାଇଲ ଚୋରି କରି ଫସିଲେ ହୋମଗାର୍ଡ

ପଦ୍ମପୁର, ୧୨।୬ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନାରେ କାର୍ଯ୍ୟରତ ହୋମଗାର୍ଡ ଗୋବର୍ଦ୍ଧନ ମଲିକ ଗତ ଶୁକ୍ରବାର ବାସୁଦେବପୁର କଲେଜ ନିକଟସ୍ଥ ତାରିଣୀ ଛକଠାରେ ଥିବା ଏକ ଜେରକ୍ସ ଦୋକାନରୁ ମୋବାଇଲ ଚୋରି କରିଥିଲେ। ଏହା ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ଜେରକ୍ସ ଦୋକାନକୁ ଜଣେ ଗ୍ରାହକ ଆସି ମୋବାଇଲକୁ ଭୁଲ୍‌ରେ ଛାଡ଼ି ଦେଇ ଯାଇଥିଲେ। ଏହାପରେ ଦୋକାନକୁ ଆସିଥିବା ଗୋବର୍ଦ୍ଧନ କୌଶଳକ୍ରମେ ମୋବାଇଲକୁ ନେଇଯାଇଥିଲେ। ଗ୍ରାହକ ଜଣଙ୍କ କିଛି ସମୟ ପରେ ନିଜ ମୋବାଇଲ ଖୋଜିବାକୁ ଦୋକାନକୁ ଆସି ପାଇ ନ ଥିଲେ। ଦୋକାନର ସିସିଟିଭି ଯାଞ୍ଚ କରାଯିବାରୁ ଗୋବର୍ଦ୍ଧନ ମୋବାଇଲଟିକୁ ନେଇଥିବା ଜଣାପଡ଼ିଥିଲା। ଏନେଇ ଦୋକାନୀ ଓ ଉକ୍ତ ଗ୍ରାହକ ତାଙ୍କୁ ଯୋଗାଯୋଗ କରିବାରୁ ସେ ଶନିବାର ମୋବାଇଲ ଫେରାଇ ଦେଇଛନ୍ତି। ପ୍ରକାଶଥାଉକି, ଅଞ୍ଚଳରେ ବେଆଇନ ଭାବେ ଗାଡ଼ି ଅଟକାଇ ଚାନ୍ଦା ମାଗିବା, ବିଭିନ୍ନ ଚୋରିରେ ସମ୍ପୃକ୍ତ ଥିବା ନେଇ ଗୋବର୍ଦ୍ଧନଙ୍କ ବିରୋଧରେ ଅଭିଯୋଗ ରହିଛି। ଏ ସମ୍ପର୍କରେ କଷିଆ ସାମୁଦ୍ରିକ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂହଙ୍କୁ ପଚାରିବାରୁ ଘଟଣାର ସତ୍ୟତା ଥିବା ସ୍ୱୀକାର କରିବା ସହ ହୋମଗାର୍ଡଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଆସେକା ଚାନ୍ଦୁଆ ଶାଖା ପୁନର୍ଗଠିତ

କୁଳିଅଣା,୧୨।୬(ସ୍ୱ.ପ୍ର)
ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଚାନ୍ଦୁଆରେ ରବିବାର ମିଶନ ଅଲଚିକି-୨୦୨୫ର ସଫଳତା ଓ ସାନ୍ତାଳୀ ଭାଷା ସାହିତ୍ୟ ଉନ୍ନତି ନିମନ୍ତେ ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ (ଆସେକା)ଚାନ୍ଦୁଆ ଶାଖା ପୁନର୍ଗଠିତ ହୋଇଛି। ସାଲହାୟ ମୁର୍ମୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ମେନୋନୀତ କରାଯାଇଥିଲା। ମିଶନ ଅଲଚିକି-୨୦୨୫ର ସଫଳତା ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ସଭାପତି ଭାବେ ସାଲହାୟ ମୁର୍ମୁ, ଉପ ସଭାପତି ଜୟରାମ ମୁର୍ମୁ, ସମ୍ପାଦକ ସୁନାରାମ ଟୁଡୁ, ସହ ସମ୍ପାଦକ ରାଣୀ ହେମ୍ବ୍ରମ, କୋଷାଧକ୍ଷ ବିଜୟ କୁମାର ହେମ୍ବ୍ରମ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ରଘୁନାଥ ମାଝି, ଅଲେଖ କୁମାର ମୁର୍ମୁ, ଦୁର୍ଗା ଚରଣ ମାରାଣ୍ଡି, କାମେଶ୍ୱର ମୁର୍ମୁ, ସୁରୁ ମାରାଣ୍ଡି, ଚାନ୍ଦ୍ରା ହେମ୍ବ୍ରମ, ଲଧେୟା ମୁର୍ମୁ, ଦୁର୍ଗା ସୋରେନ, ପୁର୍ଥୁ ଚପେୟାର, ସୁନ୍ଦର ମୋହନ ଚପେୟାର ଓ ବାସନ୍ତୀ ବେସ୍ରାଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବରେ ଜୟରାମ ହାସଁଦା, ନିମାଁଇ ମୁର୍ମୁ, ମାଳତୀ ମୁର୍ମୁ, ଶ୍ରୀହରି ହାସଁଦା ମନୋନୀତ ହୋଇଛନ୍ତି। ମିଶନ ଅଲଚିକି-୨୦୨୫ କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସଦସ୍ୟ ଆର୍ ଅଶ୍ୱିନୀ, ମାଙ୍ଗାତ ମୁର୍ମୁ, କୁଳିଅଣା ବ୍ଲକ ପାରଗନା ମାଙ୍ଗାତ ଚପେୟାରନ୍, ସାମାଜିକ କର୍ମୀ ହରିମୋହନ ବେସ୍ରା, ଫାଗୁନ ସମ୍ପାଦକ ମାଳତୀ ମୁର୍ମୁ ଏବଂ ଗ୍ରାମବାସୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାଣ୍ଡିଆ ଚାଷ ପ୍ରତି ବଢୁଛି ଆଦର

ଦୀପକ ମିଶ୍ର
କେନ୍ଦୁଝର,୧୨।୬



- ଜିଲାରେ ଖୋଲିଛି ଏକାଧିକ ମିଲେଟ୍ ଶକ୍ତି କାଫେ
- ତିଆରି ହେଉଛି ସର୍ବତ, ଲଡୁ ସାଙ୍ଗକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ

ମାଣ୍ଡିଆ ଏପରି ଏକ ଶସ୍ୟ ଯାହା ସମ୍ପୂର୍ଣ୍ଣ ଭାବେ ସ୍ୱାସ୍ଥ୍ୟ ପାଇଁ ହିତକାରୀ। ଆଜିକା ବ୍ୟସ୍ତବହୁଳ ଜୀବନରେ ଧନୀ ଠୁ ନେଇ ଗରିବ ସମସ୍ତଙ୍କ ପାଖରେ ମାଣ୍ଡିଆ ବେଶ୍ ପରିଚିତ। ପାହାଡ଼ିଆ ଅଞ୍ଚଳରେ ଏହାର ବହୁଳ ଚାଷ ହେଉଛି। କେନ୍ଦୁଝର ଜିଲାରେ ଦିନକୁ ଦିନ ମାଣ୍ଡିଆ ଚାଷ ପ୍ରତି ଆଗ୍ରହ ବଢୁଥିବା ପରିଲକ୍ଷିତ ହେଉଛି। ସେଥିପାଇଁ ବାହାର ଜିଲା ଏବଂ ବାହାର ରାଜ୍ୟକୁ ରପ୍ତାନୀ ହେଉଛି। ବର୍ତ୍ତମାନ ଜିଲାର ୭ଟି ବ୍ଲକ ଅଞ୍ଚଳରେ ମାଣ୍ଡିଆ ଚାଷ ଅଧିକ ପରିମାଣରେ ହେଉଥିବା ବେଳେ ଆଗାମୀ ଦିନରେ ଜିଲାର ସମସ୍ତ ବ୍ଲକ ଅଞ୍ଚଳରେ ବହୁଳ ଭାବେ ଏହି ଚାଷ କରାଯିବାର ସମ୍ଭାବନା ସୃଷ୍ଟି ହେଉଛି।

ଗତ ୩ ବର୍ଷ ମଧ୍ୟରେ ମାଣ୍ଡିଆ ଅମଳ ୪୬ କୁଇଣ୍ଟାଲରୁ ଆରମ୍ଭ ହୋଇ ଏବେ ୨୩ଶହ କୁଇଣ୍ଟାଲରେ ପହଞ୍ଚିଲାଣି। ତେବେ ଗତବର୍ଷ ଖରିଫ୍ ଋତୁରେ କେନ୍ଦୁଝର ଜିଲାର ଝୁମ୍ପୁରା, ପଳାଶପଙ୍ଗା, ନୟାକୋଟ, ଶୁଆକାଟୀ, ହରିଚନ୍ଦନପୁର, ଚମ୍ପୁଆ, ଭଣ୍ଡା, ସୋସୋ, ବାଙ୍ଗୋର ଓ ସଡା ମଣ୍ଡିରେ ଚାଷୀମାନଙ୍କଠାରୁ ଅଧିକ ମାଣ୍ଡିଆ ଖରିଦ୍ ହୋଇଥିଲା । ଗତବର୍ଷ ଖରିଫ୍ ଋତୁରେ ଜିଲାରୁ ୨୩୦୭ଜଣ ଚାଷୀ ମାଣ୍ଡିଆ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଥିଲେ। କିନ୍ତୁ ୫୨୬ ଜଣ ଚାଷୀ ମଣ୍ଡି ମାଧ୍ୟମରେ ମାଣ୍ଡିଆ ବିକ୍ରି କରିଥିଲେ। ଗତ ଖରିଫ୍ ଋତୁରେ ମୋଟ୍ ୧୧୨୯କୁଇଣ୍ଟାଲ ୯୪ କେ.ଜି.ମାଣ୍ଡିଆ ଆଦିବାସୀ ଉନ୍ନୟନ ସମବାୟ ନିଗମ ପକ୍ଷରୁ କିଣାଯାଇ ଚାଷୀମାନଙ୍କୁ ୩୭ଲକ୍ଷ ୨୩ ହଜାର ୨୦୦ଟଙ୍କା ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ମାଣ୍ଡିଆ ଅମଳ ଦୁଇଗୁଣା ବଢିଛି। ଅର୍ଥାତ୍ ୨୩୯୨ କୁଇଣ୍ଟାଲ ମାଣ୍ଡିଆ ଆଦିବାସୀ ଉନ୍ନୟନ ସମବାୟ ନିଗମ ପକ୍ଷରୁ ଚାଷୀମାନଙ୍କଠାରୁ କିଣାଯାଇଛି। ଏଥିପାଇଁ ମୋଟ୍ ୮୦ ଲକ୍ଷ ୭୯ ହଜାର ୭୭୬ ଟଙ୍କା ଚାଷୀମାନଙ୍କୁ ମାଣ୍ଡିଆ ବାବଦରେ ପ୍ରଦାନ କରାଯାଇଛି । ମାଣ୍ଡିଆ ଚାଷକୁ ପ୍ରଶାସନ ମଧ୍ୟ ଗୁରୁତ୍ୱର ସହ ନେଇ ପ୍ରୋତ୍ସାହନ ଯୋଗାଉଛି । ଜିଲାର ବିଭିନ୍ନ ସ୍ଥାନରେ ମିଲେଟ୍ ଶକ୍ତି କାଫେ ଖୋଲାଯାଇ ମାଣ୍ଡିଆରୁ ତିଆରି ସର୍ବତ, ଲଡୁ, ବରା ଏବଂ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ବିକ୍ରି କରାଯାଉଛି। ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଧ୍ୟ ମିଲେଟ୍ ଶକ୍ତି କାଫେ ଖୋଲାଯାଇଛି। ଏହି ମିଲେଟ୍ ଶକ୍ତି କାଫେ ଦ୍ୱାରା ମାଣ୍ଡିଆକୁ ଅଧିକ ପରିମାଣରେ ବ୍ୟବହାର କରାଯାଉଥିବା ଯୋଗୁ ମାଣ୍ଡିଆ ବିକ୍ରୟ ଜିଲାରେ ବଢ଼ିବାକୁ ଲାଗିଛି। ଏଥିସକାଶେ ଜିଲାର ଚାଷୀମାନେ ମାଣ୍ଡିଆ ଚାଷ କରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି। ଆଗାମୀ ଦିନରେ ଆହୁରି ବଢ଼ିବ ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ବିଜୟ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଡିଏମ୍ଏଫ୍ ଫଣ୍ଡ ଜରିଆରେ ୭ ବ୍ଲକରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ଆନନ୍ଦପୁର ଓ ଘଷିପୁରାକୁ ଛାଡ଼ି ବାକି ୪ ବ୍ଲକରେ ଓମ୍ୟାଡ୍‌ସି ପକ୍ଷରୁ ପ୍ରୋତ୍ସାହନ ଦିଆଯିବାର ବ୍ୟବସ୍ଥା ହୋଇଛି । ଏହାବାଦ୍ ବିଭିନ୍ନ ସ୍କୁଲରେ ମଧ୍ୟାହ୍ନ ଭୋଜନରେ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ପିଲାମାନଙ୍କୁ ଦିଆଯିବାର ଯୋଜନା ମଧ୍ୟ ପ୍ରଶାସନ ପକ୍ଷରୁ କରାଯାଇଛି।

## ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ବିକ୍ଷୋଭ

କେନ୍ଦୁଝର,୧୨।୬(ଡି.ଏନ.ଏ.)

ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ କେନ୍ଦୁଝର ଶାଖା ପକ୍ଷରୁ ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉତ୍ପାଦନ ଖର୍ଚ୍ଚ ଅନୁଯାୟୀ ଔଷଧର ମୂଲ୍ୟ ନିର୍ଦ୍ଧାରଣ କରିବା, ବନ୍ଦ ହୋଇଯାଇଥିବା ସରକାରୀ ଔଷଧ ପ୍ରତିଷ୍ଠାନକୁ ପୁନଃରୁଦ୍ଧାର କରିବା, ଅନ୍‌ଲାଇନ୍ ପ୍ରକ୍ରିୟାରେ ଔଷଧ ବିକ୍ରିକୁ ବନ୍ଦ କରିବା, ଔଷଧ ଉପରୁ ଟିକସ ହଟାଇ ଜିଏସଟି ଲାଗୁ କରିବା, ଜିଡିପିର ୫% ସ୍ୱାସ୍ଥ୍ୟ ସେବାର ଉନ୍ନତିରେ ଖର୍ଚ୍ଚ କରିବା ଆଦି ଦାବି ନେଇ ଏହି ବିକ୍ଷୋଭ କରାଯାଇଥିଲା। ବିକ୍ଷୋଭ ସମାବେଶରେ ଓଡିଶା ସେଲ୍ ରିପ୍ରେଜେଣ୍ଟେଟିଭ ୟୁନିୟନର ରାଜ୍ୟ ଉପସଭାପତି ମଳୟ ନିଶିଥ ପଣ୍ଡା,ରାଜ୍ୟ ସହ ସମ୍ପାଦକ ଭାସ୍କର ମିଶ୍ର,କେନ୍ଦୁଝର ଜିଲା ଶାଖା ସଭାପତି ବସନ୍ତ କୁମାର ସିଂ, ସମ୍ପାଦକ ମନୋଜ କୁମାର ଶର୍ମା, କୋଷାଧକ୍ଷ ବାମନ ଚରଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଓମ୍ୟାଡ୍‌ସି ସିଇଓଙ୍କ ମିନି ଶୀତଳଭଣ୍ଡାର ପରିଦର୍ଶନ



ଓମ୍ୟାଡସି ସିଇଓ ଜି.ରାଜେଶଙ୍କ ଶୀତଳ ଭଣ୍ଡାର ପରିଦର୍ଶନ।

ଚମ୍ପୁଆ, ୧୨।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ମହେଶ୍ୱରପୁରଠାରେ ୧୫ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ମିନି ଶୀତଳ ଭଣ୍ଡାରକୁ ଓମ୍‌ବାଡସି ସିଇଓ ଜି.ରାଜେଶ ପରିଦର୍ଶନ କରିବା ସହିତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଚାଷୀଙ୍କ ସହ ଆଲୋଚନା କରିଛନ୍ତି।

ସୂଚନା ଅନୁସାରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା ପନିପରିବାର ସୁରକ୍ଷା ଓ ଦୀର୍ଘମିଆଦି ସଞ୍ଚୟ ନିମନ୍ତେ ଚମ୍ପୁଆ ଉଦ୍ୟାନ କୃଷି ବିଭାଗ ଆନୁକୂଲ୍ୟରେ ତଥା ଓମ୍‌ବାଡ୍‌ସି ପକ୍ଷରୁ ମହେଶ୍ୱରପୁରର ବାବା ଝାଡେଶ୍ୱର ଏସ୍‌ଏସ୍‌ଜିକୁ ୫୦ କୁଇଣ୍ଟାଲ୍ କ୍ଷମତା ବିଶିଷ୍ଟ ଏକ ମିନି ଶୀତଳ ଭଣ୍ଡାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଚାଷୀମାନେ ଏହି ଶୀତଳ ଭଣ୍ଡାରକୁ ବ୍ୟବହାର କରିବା ସହିତ ଭେଣ୍ଡି, ପୋଟଳ, ଲାଉ, କଞ୍ଚା କଦଳୀ, ବାଇଗଣ ଆଦି ଏହି ଶୀତଳ ଭଣ୍ଡାରରେ ଗଚ୍ଛିତ ରଖି ସମୟ ଉପଯୋଗୀ ବିକ୍ରି କରୁଛନ୍ତି। ଏହାକୁ ରବିବାର ସିଇଓ ପରିଦର୍ଶନ କରି ଏସ୍‌ଏସ୍‌ଜିର ସଦସ୍ୟମାନଙ୍କୁ କୃଷି ଉପରେ ବ୍ୟାଘାତ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହିତ ରବି ଓ ଖରିଫ ଋତୁରେ ଶୀତଳ ଭଣ୍ଡାରର ସଠିକ୍ ସୁବିଧା ସୁଯୋଗ ଉଠାଇ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶୀତାକାନ୍ତ ପାତ୍ର, ବିଡିଏଚ୍ ଜୟନ୍ତ କୁମାର ନାଏକ, ଏଡିଏଚ୍ ପଦ୍ମଲୋଚନ ସିଂ, ଏସ୍.ଶୁଭଲକ୍ଷ୍ମୀ ଓ ମଙ୍ଗୁଳି ଗିରି ଆଦି ପ୍ରମୁଖ ଯୋଗ ଦେଇଥିଲେ।

## ଆୟୁର୍ବେଦିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର ଅଫିସ, ୧୨।୬

ବାଲେଶ୍ୱର ସହର ଉପକଣ୍ଠ ବାଲିଆସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ଓ ରଥଯାତ୍ରା ଉତ୍ସବ ୨୫ବର୍ଷରେ ପହଞ୍ଚିଛି । ଚଳିତବର୍ଷ ଏହି ଉତ୍ସବକୁ ଯାକଜମକରେ ପାଳନ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସ୍ନାନପୂର୍ଣ୍ଣିମାଠାରୁ ଏହି ଉତ୍ସବକୁ ସର୍ବବ୍ୟାପୀ କରିବା ଉଦ୍ଦେଶ୍ୟରେ ବାଲେଶ୍ୱରର ଆୟୁର୍ବେଦିକ ଚିକିତ୍ସକ ସଂଘ 'ବୈଦ୍ୟାୟନ' ସହଯୋଗରେ ମନ୍ଦିର ପ୍ରାଙ୍ଗଣରେ ଏକ ନିଃଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି ।

ଅବସରପ୍ରାପ୍ତ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ପ୍ରଭାକର ରଥ ଶିବିରକୁ ଉଦ୍‌ଘାଟନ କରିବା ସହିତ ଭାରତର ସର୍ବପୁରାତନ ଚିକିତ୍ସା ପ୍ରଣାଳୀ ପ୍ରତି ଲୋକେ ବିମୁଖ ହେଉଥିବା ବେଳେ ଏହି ଶିବିର ରୋଗୀଙ୍କ ଆସ୍ଥାଭାଜନରେ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ଉପଦେଷ୍ଟା ମଦନମୋହନ ପଣ୍ଡା ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। 'ବୈଦ୍ୟାୟନ'ର ସଦସ୍ୟ ଡା. ପ୍ରଭାତ ରଞ୍ଜନ ପ୍ରଧାନ, ଡା. ସାଇମାଧବ ସେଠୀ, ଡା. ସୁଭଦ୍ରା ବେହେରା, ଡା. ଶାଶ୍ୱତୀ ଦାସ, ଡା. ସମ୍ପାକୀ ପରିଡା, ଡା. ପ୍ରମୋଦ କୁମାର ରାଉତ, ଡା. ସମ୍ବିତ ଦାସ, ଡା. ହିମାଦ୍ରୀ ଭଞ୍ଜ, ଡା. ଦେବବ୍ରତ ପାତ୍ର ପ୍ରମୁଖ ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉପାଦେୟ ପରାମର୍ଶ ଦେଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ଶୈଳେନ୍ଦ୍ର ପ୍ରସାଦ ଦାଶଙ୍କ ସମେତ ଅପୂର୍ବରଞ୍ଜନ ପାଣିଗ୍ରାହୀ, ଅରୁଣ କୁମାର ଦାଶ, ବନମାଳୀ ନାୟକ, ସଞ୍ଜୟ ପଣ୍ଡା, ହିମାଦ୍ରୀ ମଣ୍ଡଳ, ଦୀନବନ୍ଧୁ ନାଟୁଆ, ଉତ୍ତମ କୁମାର ପାତ୍ର, ରବିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ସାଇବର ଠକେଇର ଶିକାର ସ୍ୱାସ୍ଥ୍ୟକର୍ମୀ

ଭୋଗରାଇ, ୧୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦକ୍ଷିଣ ନାଡ଼ବଣୀ ଗ୍ରାମର ବାସିନ୍ଦା ତଥା ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଦତ୍ତ ଦାସ ସାଇବର ଠକେଇର ଶିକାର ହୋଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ୟୁକୋ ବ୍ୟାଙ୍କ ଥାନାଛକ ଭୋଗରାଇ ଶାଖାରୁ ଏକ ଫୋନ୍ କଲ ଆସିଲା। କ୍ରେଡିଟ୍ କାର୍ଡ଼ରେ ଆପଣ ସିଲେକ୍ସନ ହୋଇଛନ୍ତି। ଏଥିପାଇଁ ଆପଣଙ୍କର ସମସ୍ତ ବ୍ୟାଙ୍କ ଖାତା ଓ ନିଜସ୍ୱ ବୈଧ କାଗଜପତ୍ର ବ୍ୟାଙ୍କରେ ଡିପୋଜିଟ୍ କରି କାର୍ଡ଼ ନେଇଯାଆନ୍ତୁ। ଏହି କ୍ରେଡିଟ୍ କାର୍ଡ଼ ୟୁକୋ ବ୍ୟାଙ୍କ ଓ ଏସ୍‌ବିଆଇ ଲେଖାଥିବାରୁ ଭୋଗରାଇ ୟୁକୋ ବ୍ୟାଙ୍କରୁ ସେ ନେଇଥିଲେ। ସ୍ୱାସ୍ଥ୍ୟକର୍ମୀଙ୍କ ବ୍ୟାଙ୍କ ଆକାଉଣ୍ଟ କ୍ରେଡିଟ୍ କାର୍ଡ଼ ଆକ୍ଟିଭେଟ୍ ହୋଇ ନ ଥିବା ବେଳେ ହଠାତ୍ ଜମାଖାତାରୁ ଦୁଇ କିସ୍ତିରେ ୬ହଜାର ୫ଶହ ୫୬ଟଙ୍କା ୧୯ପଇସା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟକର୍ମୀ ବାରମ୍ବାର ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ ହେବା ଅଭିଯୋଗ ୟୁକୋ ବ୍ୟାଙ୍କ ମ୍ୟାନେଜରଙ୍କୁ ଜଣାଇଥିଲେ ମଧ୍ୟ ମ୍ୟାନେଜର ଏହି ଘଟଣାକୁ ଗୁରୁତ୍ୱ ନ ଦେଇ ପରେ ବୁଝିବେ ବୋଲି କହି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସ୍ୱାସ୍ଥ୍ୟକର୍ମୀ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଠକମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟାଳୟ ସ୍ମୃତିକୁ ମନେ ପକାଇଲେ



ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୧୨।୬

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଯଶୋଟିକିରି ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୬ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣିଷ ପ୍ରତିଶୋଧ ପରାୟଣ ନ ହୋଇ ଜୀବନରେ ସହିଷ୍ଣୁତା ଭାବ ଆଣିପାରିଲେ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହୋଇପାରିବ ବୋଲି ଉତ୍ସବରେ ଉପସ୍ଥିତ ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ନାଗରିକ ଶତ୍ରୁଘ୍ନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ରଜ ଆସର ବନ୍ଧୁମିଳନ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଜଳଧର ମହାପାତ୍ର, ଶଙ୍କର୍ଷଣ ବେହେରା, ଧର୍ମାନନ୍ଦ ସାହୁ, ରାଧାକାନ୍ତ ବେହେରା, ଶିକ୍ଷା କର୍ମଚାରୀ ରାମଚନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ନିଜ ଗୁରୁଜୀମାନଙ୍କୁ ପୁଷ୍ପ ଓ ପାଟବସ୍ତ୍ର ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ପୁରାତନ ବିଦ୍ୟାର୍ଥୀ ହରିଦାସ ନାୟକ, ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ, ପ୍ରାକ୍ତନ ସରପଞ୍ଚ ଅଳିଭା ନାୟକ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ବିଦ୍ୟାଳୟ ଜୀବନର ସ୍ମୃତିକୁ ମନେ ପକାଇଥିଲେ। ପ୍ରତାପ କୁମାର ପଣ୍ଡା ଅତିଥି ପରିଚୟ ଓ ନିମାଇଁ ଚରଣ ବୋଇତାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୪୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ସଫେଇ, ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର ଅଫିସ, ୧୨।୬

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବାଲେଶ୍ୱର ସମାଜସେବୀ ମହାସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ସହ ସଚେତନତା ବାର୍ତ୍ତା ଦିଆଯାଇ ରବିବାର ପୋଷ୍ଟର ମରାଯାଇଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ ବାଘାଯତୀନ ସଙ୍ଗଠନ, ମୁଁ ତୁମର ସାଥି, ହେଲ୍ପ ଫର୍ ୟୁ ଫାଉଣ୍ଡେଶନ, ୟୁଥ୍ ଫର ଡେଭଲପମେଣ୍ଟ ଓ ଅନ୍ୟାନ୍ୟ ସଙ୍ଗଠନର ମିଳିତ ଉଦ୍ୟମରେ ୩୦ରୁ ଊର୍ଦ୍ଧ୍ୱ ଯୁବକ ୪ଟି ଗ୍ରୁପ୍ ମାଧ୍ୟମରେ ଏସବୁ କାର୍ଯ୍ୟକ୍ରମ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପାନ, ଗୁଟ୍‌ଖା ଖାଇ ଛେପ ପକାଇବା, ଡଷ୍ଟବିନ୍‌ରେ ଅଳିଆ ନ ପକାଇ ଏଠିସେଠି ପକାଇବା ସହିତ ପରିସ୍ରା ମଧ୍ୟ ଲୋକେ କରୁଛନ୍ତି। ଏହାକୁ ବନ୍ଦ କରିବା ପାଇଁ ମହାସଂଘ ପକ୍ଷରୁ ପ୍ରୟାସ କରାଯାଇଛି। ଏଥିସହ ମୋଟରଯାନ, ସାଇକେଲ ଓ ମୋବାଇଲ ଫୋନ୍ ଚୋରି ନ ହେବା ପାଇଁ ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ପରିବେଶ ସ୍ୱଚ୍ଛ ରହିଲେ ଆମେ ସୁସ୍ଥ ରହିବା। ଆମେ ନିଜ ଘରକୁ ସଫାସୁତୁରା ରଖିବା ପାଇଁ ତତ୍ପର ରହୁଥିବା ବେଳେ ସାର୍ବଜନୀନ ସ୍ଥାନକୁ ଭୁଲିଯାଉ। ଏ ସମାଜରେ ନିଜ ଅଧିକାର ଜାହିର କରିବା ପୂର୍ବରୁ ପ୍ରଥମେ ଆମେ ଆମର କର୍ତ୍ତବ୍ୟ ପ୍ରତି ସଚେତନ ହେବା। ଆଉ ଯଦି ଆମେ ଜାଣୁ ଜାଣୁ ଅଳିଆ, ଆବର୍ଜନା କରିବା ତେବେ ଚିକିତ୍ସାଳୟ ପରିସରରେ ସୁସ୍ଥ ଓ ସ୍ୱଚ୍ଛ ବାତାବରଣ ସୃଷ୍ଟି ହେବନାହିଁ। ଭଲ ମଣିଷ ବି ଏଠାରେ ଅସୁସ୍ଥ ହୋଇପଡ଼ିବ। ତେଣୁ ଆମେ କର୍ତ୍ତବ୍ୟକୁ ନ ଭୂଲି ଚିକିତ୍ସାଳୟ ପରିସରକୁ ସଫାସୁତୁରା ରଖିବା ପାଇଁ ମହାସଂଘ ପକ୍ଷରୁ ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ସୁରକ୍ଷା କର୍ମଚାରୀମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।

# କଂଗ୍ରେସର ନବ ସଂକଳ୍ପ ଶିବିର

ବାଲେଶ୍ୱର ଅଫିସ, ୧୨।୬



ନବ ସଂକଳ୍ପ ଶିବିରରେ କଂଗ୍ରେସ ନେତୃବର୍ଗ।

ବାଲେଶ୍ୱର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ରାଜସ୍ଥାନର ଉଦୟପୁରଠାରେ ଆୟୋଜିତ ସଂକଳ୍ପ ଶିବିର ଢାଞ୍ଚାରେ ରବିବାର ନବ ସଂକଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସଞ୍ଜୀବ ଗିରି ଅଧ୍ୟକ୍ଷତା କରି କଂଗ୍ରେସ ଦଳକୁ ନୂତନ ଭାବେ ସଙ୍ଗଠିତ କରିବା ସହ ଆଗାମୀ ଦିନରେ ରାଜ୍ୟ ଶାସକ ବିଜୁ ଜନତା ଦଳ ଓ ଦେଶରେ ଶାସନ ଭାର ସମ୍ଭାଳୁଥିବା ଭାଜପାର ବିକଳ୍ପ ଭାବେ ଉଭା ହେବାକୁ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ସଂସଦୀୟ କ୍ଷେତ୍ର ନେତା ନବଜ୍ୟୋତି ପଟ୍ଟନାୟକ ଯୋଗଦେଇ କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାରଙ୍କ ମଧ୍ୟରେ କୌଣସି ପ୍ରଭେଦ ନ ଥିବା ତଥା ଉଭୟ ସରକାରଙ୍କ ନୀତି ଓ ନିଷ୍ପତ୍ତି ସଦାସର୍ବଦା ଜନସାଧାରଣ ବିରୋଧୀ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି ସହ ଲୋକଙ୍କ ନିକଟରେ ପହଞ୍ଚିବାକୁ ହେବ। କଂଗ୍ରେସ ଦଳର ନବ ସଂକଳ୍ପ ନୀତି ଦୁଇ ସରକାରଙ୍କ ବିରୋଧରେ ଅସ୍ତ୍ର ଭାବେ ଛିଡ଼ା ହେବ। ଏହା ଆର୍ଥିକ ସଂସ୍କାର ଓ ବିକାଶ, ଦାରିଦ୍ର୍ୟ ଓ କ୍ଷୁଧା ନିବାରଣ ସହ ପୁଷ୍ଟିହୀନତା ବିରୋଧରେ ସଂଗ୍ରାମକୁ ତ୍ୱରାନ୍ୱିତ କରିବ। ଦେଶରେ ନୂତନ ରୋଜଗାର ସୃଷ୍ଟି ଓ ବେରୋଜଗାର ହ୍ରାସ ସହିତ ମିଳିମିଶି କ୍ଷୀପ୍ର ବିକାଶ ଦେଶର ଆର୍ଥିକ ସ୍ଥିତିକୁ ଦୃଢ଼ କରିବ। ଏ ଦିଗରେ କେନ୍ଦ୍ରର ଭାଜପା ସରକାର ପଥଭ୍ରଷ୍ଟ ହୋଇଛନ୍ତି। ଦେଶରେ ନ୍ୟାଶନାଲ ଫାର୍ମର୍ସ ଡେବ୍‌ଟ ରିଲିଫ କମିଶନ ଗଠନ ମାଧ୍ୟମରେ ଚାଷୀଙ୍କୁ ଋଣରୁ ମୁକ୍ତି ପ୍ରଦାନ ସହିତ ନାଗରିକଙ୍କୁ ସେମାନଙ୍କ ଅଧିକାର ଯଥା ଖାଦ୍ୟପ୍ରାପ୍ତି, ରୋଜଗାର, ଶିକ୍ଷାଗ୍ରହଣ, ସୂଚନା ଅଧିକାର, ବନବାସୀଙ୍କ ଜଙ୍ଗଲ ଜମି ଓ ଜଳ ଅଧିକାର, ଦଳିତଙ୍କ ଅଧିକାର ସୁରକ୍ଷାରେ ଏହି ନବ ସଂକଳ୍ପ ନିଶ୍ଚିତ ଭାବେ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶାପ୍ରକାଶ କରିଥିଲେ। ଶିବିରରେ ନୀଳଗିରିର ନେତ୍ରୀ ମନୋଜାମଞ୍ଜରୀ ଦେବୀ ଓ ଚିତ୍ତରଞ୍ଜନ ଷଡଙ୍ଗୀ, ଭୋଗରାଇ ନେତା ସତ୍ୟଶିବ ଦାସ, ବସ୍ତା ନେତା ବିଜନ କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ସୋର ନେତା ସୁରେନ୍ଦ୍ର ପରମାଣିକଙ୍କ ସମେତ ଜିଲାର ସମସ୍ତ ବ୍ଲକରୁ ଆଗଧାଡିର ନେତା ଓ କର୍ମୀମାନେ ଯୋଗଦେଇଥିଲେ ।

**ରୂପ୍‌ସାରେ ସିରିଜ ଚୋରି**

## ୧୦ ଟ୍ରକ୍‌ରୁ ୨୪ ବ୍ୟାଟେରି ଲୁଟ୍

ରୂପ୍‌ସା, ୧୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପସା ଥାନା ଅଞ୍ଚଳରେ ବାରମ୍ବାର ଚୋରିକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦୁର୍ବୃତ୍ତମାନେ ରୂପସା ମାଲଗୋଦାମ ଏବଂ ଆଖ ପାଖରେ ଛିଡ଼ା ହୋଇଥିବା ୧୦ ଟ୍ରକ୍‌ରୁ ୨୪ ବ୍ୟାଟେରୀ ଏବଂ ଗାଡ଼ିରେ ଥିବା ଜଗ, ତମ୍ଭୁ, ମ୍ୟୁଜିକ ସିଷ୍ଟମକୁ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଛି। ସେହିପରି ରୂପସା ସାମିଲ ହସନପୁର ପଞ୍ଚାୟତର ଉଠାଜଳସେଚନ ପଏଣ୍ଟର ୫ଟି ବିଦ୍ୟୁତ ଖୁଣ୍ଟିର ତାର କାଟି ନେଇଯାଇଛନ୍ତି। ଘଟଣା ସମ୍ପର୍କରେ ଅଭିଯୋଗ ପାଇ ପୋଲିସ ତଦନ୍ତ ଜାରି ରଖିଛି। କିଛିଦିନ ପୂର୍ବରୁ ଦୁର୍ବୃତ୍ତମାନେ ଆବାସିକ ବିଦ୍ୟାଳୟରୁ ସେହିଭଳି ଲକ୍ଷାଧିକ ଟଙ୍କାର ଫ୍ୟାନ ଓ ବିଭିନ୍ନ ସାମଗ୍ରୀ ଚୋରି କରିଥିଲେ।

# ସମ୍ବିଧାନରେ 'ରାଇଟ୍ ଟୁ ହେଲ୍ଥ' ସ୍ଥାନ ପାଉ'

ବାଲେଶ୍ୱର ଅଫିସ,୧୨।୬


ଅତିଥିଙ୍କ ଦ୍ୱାରା ବାର୍ଷିକ ଉତ୍ସବ ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜର ଡିଏମ୍‌ଏଲ୍‌ଟି ଆଣ୍ଡ ଡିଆର୍‌ଟି (ଡିପ୍ଲୋମା ଇନ୍ ଲାଇବ୍ରେରୀ ଟେକ୍ନିସିଆନ୍ ଆଣ୍ଡ ଡିପ୍ଲୋମା ରେଡିଓଲୋଜି ଟେକ୍ନିସିଆନ୍) ପିଲାମାନଙ୍କ ପକ୍ଷରୁ ଦ୍ୱିଦିବସୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ଶନିବାର ଓ ରବିବାର ଅନୁଷ୍ଠିତ ଉତ୍ସବକୁ ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ବିଧାନରେ ଉଲ୍ଲେଖ ଥିବା ମୌଳିକ ଅଧିକାରଗୁଡ଼ିକ ମଧ୍ୟରେ ରାଇଟ୍ ଟୁ ହେଲ୍ଥ ସ୍ଥାନ ପାଇବା ଜରୁରୀ। କାରଣ ସ୍ୱାସ୍ଥ୍ୟମଣିଷ ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା। ଏଥିପାଇଁ ପାରାମେଡ଼ିକାଲ ଛାତ୍ରୀଛାତ୍ରଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ।

ମେଡ଼ିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ରାମଚନ୍ଦ୍ର ଗିରି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଆର୍. ଜ୍ୟୋତିରଞ୍ଜନ ନାୟକ ଆୟୋଜିତ ସଭାକୁ ପରିଚାଳନା କରିଥିଲେ। ଆଡ଼ମିନିଷ୍ଟ୍ରେଶନ ଅଫିସର ମନୋରମା ଭୂୟାଁ, ଆନାଟମି ବିଭାଗର ମୁଖ୍ୟ ପ୍ରଫେସର ଡା. ମଧୁସ୍ମିତା ପଣ୍ଡା, ରେଡ଼ିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ବୋରସି ଦାସଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବହୁ ଦିଗ୍‌ଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ରିକେଟ୍, ଭଲି, ବାସ୍କେଟବଲ, ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ ସହ ମ୍ୟୁଜିକ୍ ଚେୟାର, ବ୍ୟାଡମିଣ୍ଟନ୍, ଟେବୁଲ ଟେନିସ୍, ଚେସ୍, ସ୍କିପିଂ ଭଳି ଖେଳ ହୋଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ଉତ୍ସବ ଅବସରରେ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆୟୋଜିତ ବାର୍ଷିକ ଉତ୍ସବରେ ପାରା ମେଡ଼ିକାଲ ଛାତ୍ରସଂସଦର ସମସ୍ତ ସଦସ୍ୟ, ମେଡ଼ିକାଲ କଲେଜ ବିଭିନ୍ନ ବିଭାଗର ପ୍ରଫେସର ଓ ଡାକ୍ତର ଉପସ୍ଥିତ ଥିଲେ। ଶେଷ ଦିନରେ ପିଲାମାନଙ୍କ ପକ୍ଷରୁ ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

